**ନଦୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ**

ଡେ଼ରାବିଶ,(ସ୍ୱ.ପ୍ର.): ଡେରାବିଶ ବ୍ଲକ ଅଧୀନ ନହଙ୍ଗ ପଞ୍ଚାୟତ ବୀରନୀଳକଣ୍ଠପୁର ଗ୍ରାମ ଦେଇ ଯାଇଥିବା ଗୋବରୀ ନଦୀରେ ଗୁରୁବାର ସକାଳେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୀର ନୀଳକଣ୍ଠପୁର ଗାଁର ସ୍ୱର୍ଗତ ବାବାଜୀ ମିଶ୍ରଙ୍କ ସ୍ତ୍ରୀ ସୌଦାମିନୀ (୮୫)। ପରିବାର ସଦସ୍ୟଙ୍କ ସୂଚନା ଅନୁଯାୟୀ ସକାଳ ୭ଟାରେ ନଦୀକୁ ଶୌଚ ହେବାକୁ ଯାଇଥିବା ତାଙ୍କ ଗୋଡ ନଦୀ ଭିତରକୁ ଖସିଯାଇଥିଲା। ତେବେ ଗ୍ରାମର କେତେଜଣ ଯୁବକ ନିଜର ସାହସିକତା ଦେଖାଇ ପଡି ଯାଇଥିବା ସ୍ଥାନ ନିକଟରୁ ପ୍ରାୟ ୨୦୦ ମିଟର ଦୂରରେ ଥିବା ମାଣିପୁରା ଗ୍ରାମ ପାଖରୁ ସୌଦାମିନୀଙ୍କୁ ଉଦ୍ଧାର କରିଥିଲେ। ତେବେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା।

## ସଂକ୍ଷେପରେ

### କୁଶିଆପାଳ ପାଣି ପଞ୍ଚାୟତ ପକ୍ଷରୁ ଚାଷୀ ସମାବେଶ

ଡେରାବିଶ,୨୬।୮(ସ୍ୱ.ପ୍ର.): ଡେରାବିଶ ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟ ଅନ୍ତର୍ଗତ କୁଶିଆପାଳ ପାଣି ପଞ୍ଚାୟତ ପକ୍ଷରୁ ବୁଧବାର ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। କୁଶିଆପାଳ ପଞ୍ଚାୟତସ୍ଥିତ ବାୟାବସା ଆଶ୍ରମରେ ଅନୁଷ୍ଠିତ ହୋଇଥିବା ଏହି ସମାବେଶରେ କୁଶିଆପାଳ ପାଣି ପଞ୍ଚାୟତ ସଭାପତି ସତ୍ୟରଞ୍ଜନ ସାମଲ ପୌରୋହିତ୍ୟ କରିଥିଲେ। ଏହି ସମାବେଶରେ ୮ ଗୋଟି ମୌଜାର ଶତାଧିକ ଚାଷୀ ଅଂଶଗ୍ରହଣ କରି ଚାଷ ଓ ଚାଷୀର ଉନ୍ନତି ବାବଦ ଆଲୋଚନାରେ ଭାଗ ନେଇଥିଲେ। ଏଥିରେ ମୃତ୍ୟୁ ହୋଇଥିବା ପାଣି ପଞ୍ଚାୟତ ପୂର୍ବତନ ସଭାପତି ବୀରବର ସାମଲଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ପାଣି ପଞ୍ଚାୟତ ସମ୍ପାଦକ ଶିବପ୍ରସାଦ ସାହୁ ସମାବେଶର ଆଭିମୁଖ୍ୟ ବାବଦରେ ଆଲୋକପାତ କରିଥିଲେ। ସ୍ୱଳ୍ପ ବୃଷ୍ଟିପାତ ପାଇଁ ଚାଷୀମାନେ ଚଳିତ ଖରିଫ ଫସଲ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଳ ସମ୍ପଦ ବିଭାଗ ପାଣି ପଞ୍ଚାୟତ ନାମରେ ସମସ୍ତ କେନାଲଗୁଡ଼ିକର ଶେଷମୁଣ୍ଡ ଯାଏ ପାଣି ପହଞ୍ଚାଇବାର ସୁବ୍ୟବସ୍ଥା କରିଥିବା ଯୋଗୁ ୫୨୩ ହେକ୍ଟର କମି ଜଳସେଚିତ ହୋଇ ଚାଷ ଉପଯୋଗୀ ହୋଇ ପାରିଥିବା ସୂଚନା ଦେଇଥିଲେ। ଏଥିପାଇଁ ଉପସ୍ଥିତ ଚାଷୀମାନେ ବିଭାଗୀୟ ଅଧିକାରୀ ଓ ପାଣି ପଞ୍ଚାୟତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ତେବେ ଅଭାବୀ ବର୍ଷା ଯୋଗୁ ଆଗାମୀଦିନରେ ମରୁଡ଼ି ଆଶଙ୍କା ଦେଖାଦେଇଥିବାରୁ ସମସ୍ତ ଚାଷୀ ଏକଜୁଟ ହୋଇ ଧୈର୍ଯ୍ୟର ସହ ଚାଷ କାର୍ଯ୍ୟ କରିବା ଓ ବିଶେଷ ଭାବେ ପାଣିକୁ ନଷ୍ଟ ନ କରି ଏହାର ପ୍ରକୃତ ଉପଯୋଗ କରିବାକୁ ସମାବେଶରେ ଚାଷୀମାନେ ସର୍ବସମ୍ମତି ନିଷ୍ପତ୍ତି ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଣି ପଞ୍ଚାୟତ କୋଷାଧକ୍ଷ କୃଷ୍ଣଚନ୍ଦ୍ର ସାହୁ, ପରିବେଶବିତ୍ ଶତ୍ରୁଘ୍ନ ସାହୁ, ଚାଷୀ ବଂଶୀଧର ଦାସ, କାଳିନ୍ଦୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହିଥିଲେ। ଚାଷୀ ଅଭିମନ୍ୟୁ ରାଉତ ଧନ୍ୟବାଦ ଦେଇଥିଲେ।

### ଅଙ୍କୁଲିପଡ଼ା ସରପଞ୍ଚଙ୍କ ପରଲୋକ

ରାଜକନିକା,୨୬।୮(ଡି.ଏନ.ଏ.): ରାଜକନିକା ବ୍ଲକ ଅଙ୍କୁଲିପଡ଼ାର ସରପଞ୍ଚ କୈଳାସ ଚନ୍ଦ୍ର ତରାଇଙ୍କ ଭୁବନେଶ୍ୱରରେ ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ପଞ୍ଚାୟତରେ ୪ ବର୍ଷ ସରପଞ୍ଚ ରହି ବିକାଶରେ ବହୁ ଉନ୍ନୟନ କାର୍ଯ୍ୟ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି। ସେ ଦୀର୍ଘଦିନ ତଳେ କଟକର ଅନ୍ନପୂର୍ଣ୍ଣା ଥିଏଟରର ଜଣେ ପ୍ରତିଷ୍ଠିତ କଳାକାର ରହି ବହୁ ନାଟକରେ ଅଭିନୟ କରିଥିଲେ। ରାଜକନିକା ଅଞ୍ଚଳର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ସେ ଜଡିତ ଥିଲେ। ତାଙ୍କ ପରଲୋକରେ କଂଗ୍ରେସ ଦଳର ବ୍ୟାପକ କ୍ଷତି ଘଟିଛି ବୋଲି ମତ ପ୍ରକାଶ ପାଇଛି। ତାଙ୍କ ମୃତ୍ୟୁ ଖବର ପାଇ ଆଳିର ପ୍ରାକ୍ତନ ବିଧାୟକ ଦୋଳଗୋବିନ୍ଦ ନାୟକ ଓ ଦେବେନ୍ଦ୍ର ନାଥଶର୍ମା, କେନ୍ଦ୍ରାପଡା ଜିଲା କଂଗ୍ରେସ କମିଟିର ଉପସଭାପତି ଓ ରାଜକନିକା ବ୍ଲକ କଂଗ୍ରେସ କମିଟିର ସଭାପତି ମଙ୍ଗୁଳି ଚରଣ ବେହେରା ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ସେହିପରି ବ୍ଲକର କଣ୍ଡିଆହାଟ ଚରପଡା ପଞ୍ଚାୟତ ଅଫିସରେ ତରାଇଙ୍କ ପରଲୋକରେ କେନ୍ଦ୍ରାପଡ଼ା ଜିଲା କଂଗ୍ରେସ କମିଟି ପକ୍ଷରୁ ଶୋକସଭାରେ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଅମ୍ବରୀଶ ସାମଲ, ପ୍ରାକ୍ତନ ସମିତିସଭ୍ୟ ସରୋଜକାନ୍ତ ବଳ, କୈଳାସ ମଲ୍ଲିକ, ପ୍ରେମାନନ୍ଦ ଦାଶ ପ୍ରମୁଖ ଯୋଗଦେଇ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ।

# ଆଇଆଇଟି ହାଇଦ୍ରାବାଦ ରିପୋର୍ଟକୁ ନେଇ ଦ୍ୱନ୍ଦ୍ୱ

- ଖରସ୍ରୋତା ନଦୀରୁ ଭଦ୍ରକକୁ ପାଣି ଦେବା ବିବାଦ
- ପାଣି ତଥ୍ୟରେ ରହୁନାହିଁ ତାଳମେଳ
- ଚାଷ ପାଇଁ ଚାଷୀଙ୍କୁ ମିଳିବ ନାହିଁ ମଧୁର ଜଳ

କେନ୍ଦ୍ରାପଡ଼ା ଅଫିସ, ୨୬।୮

ଖରସ୍ରୋତା ନଦୀରୁ ପାଣି ଉଠାଇବା ପାଇଁ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଆଇଆଇଟି ହାଇଦ୍ରାବାଦର ସର୍ଭେ ରିପୋର୍ଟକୁ ଆୟୁଧ କରାଯାଇଛି। ପ୍ରଶାସନିକ ଅଧିକାରୀମାନେ କଳ, ବଳ ଓ କୌଶଳ ଲଗାଇ ଖରସ୍ରୋତା ନଦୀରୁ ଜଳ ଉଠାଇବା ପାଇଁ ବରୁଣାଡିହାରେ କୂଅ ନିର୍ମାଣ କରୁଛନ୍ତି। ତେବେ ଏହି ରିପୋର୍ଟ ସମ୍ପୂର୍ଣ୍ଣ ମିଛ ଦର୍ଶାଇ ଭିତରକନିକା ଇକୋ ସେନ୍ସିଟିଭ ଜୋନ ମନିଟରିଂ କମିଟି ସଦସ୍ୟ ଶ୍ରୀକାନ୍ତ ନାୟକ ୧୭ ଦିନ ହେବ ଅନଶନରେ ଅଛନ୍ତି। ରିପୋର୍ଟକୁ ଆଧାର କରି ଜୋନ୍ କମିଟିରେ ପ୍ରକଳ୍ପ ମଞ୍ଜୁରୀକୁ ତୁରନ୍ତ ଖାରଜ କରି ଏକ ସ୍ୱତନ୍ତ୍ର ବୈଷୟିକ କମିଟି ଅନୁଧ୍ୟାନ କରନ୍ତୁ ବୋଲି ସେ ଦାବି ରଖିଛନ୍ତି। ଅପରପକ୍ଷରେ ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତି ଦୁଇବର୍ଷ ଧରି ଆନ୍ଦୋଳନ କରୁଥିବା ବେଳେ ଗତ ୧୦ ତାରିଖରୁ ଏହା ତୀବ୍ର ହୋଇଛି। ଏପରି କି ଆଇନ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ୨୪ ଆନ୍ଦୋଳନକାରୀଙ୍କୁ ପୋଲିସ ଗିରଫ କରିଛି। ପ୍ରକଳ୍ପ ପରେ ସ୍ଥାନୀୟ ଅଞ୍ଚଳରେ ପାନୀୟ ଜଳ ସହିତ କୃଷି କ୍ଷେତ୍ର ପ୍ରଭାବିତ ହେବ ବୋଲି ସେମାନେ ଦାବି କରିଛନ୍ତି।

ଶ୍ରୀକାନ୍ତ କହିଛନ୍ତି, ୨୦୧୮ରେ ଭଦ୍ରକ ଜିଲାର ତିହିଡି, ବାସୁଦେବପୁର, ଧାମନଗର ଓ ଚାନ୍ଦବାଲି ବ୍ଲକର ୯୧ ପଞ୍ଚାୟତ ପାଇଁ ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପ ମଞ୍ଜୁରୀ ପାଇଥିଲା। ପ୍ରାଥମିକ ଅବସ୍ଥାରେ ଏହି ପ୍ରକଳ୍ପ ଭଦ୍ରକ ଜିଲା ଆଖୁଆପଦାଠାରୁ ବୈତରଣୀ


ରାଜକନିକା ବରୁଣାଡିହାରେ ମେଗା ପାନୀୟଜଳ ପ୍ରକଳ୍ପ କାମ ଚାଲିଛି।

ନଦୀ ଜଳ ଉଠାଇବାକୁ ଥିବା ବେଳେ ୨୦୧୯ରେ ଚାନ୍ଦବାଲି ବ୍ଲକ ନୂଆହାଟରେ ଜଳ ବିଶୋଧନ ପ୍ଲାଣ୍ଟ ଓ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହା ନିକଟ ଖରସ୍ରୋତା ନଦୀରୁ ପାଣି ଉଠାଇବାକୁ ନିଷ୍ପତ୍ତି ହୋଇଛି। ଉଭୟ ସ୍ଥାନ ଭିତରକନିକା ଇକୋ ସେନ୍ସିଟିଭ ଜୋନ୍‌ରେ ଥିବାରୁ ଜୋନ୍ ମନିଟରିଂ କମିଟି ବୈଠକରେ ବିରୋଧ ହୋଇଛି। ତେବେ ପ୍ରକଳ୍ପ ପରେ ଭିତରକନିକା ପରିବେଶ ପ୍ରତି ବିପଦ ନ ଥିବା ଦର୍ଶାଇ ଆଇଆଇଟି ହାଇଦ୍ରାବାଦର ୧୬୩ ପୃଷ୍ଠାର ରିପୋର୍ଟରେ ବହୁ ଭ୍ରାମାତ୍ମକ ତଥ୍ୟ ରହିଛି। ପ୍ରକଳ୍ପ ରିପୋର୍ଟରେ ପ୍ରଥମ ଅଂଶରେ ନିର୍ମାଣ ସମୟରେ ସତର୍କତା ସମ୍ପର୍କରେ ଉଲ୍ଲେଖ ଥିବା ବେଳେ ଶେଷ ୧୫ ପୃଷ୍ଠା ଭିତରକନିକା ସମ୍ପର୍କିତ କେତେକ ତଥ୍ୟ ୱେବ୍‌ରୁ ଆଣି ଯୋଡ଼ା ଯାଇଛି। ଏହି ପ୍ରକଳ୍ପ ପାଇଁ ରିପୋର୍ଟରେ ଭିତରକନିକା ଜୈବ ବିବିଧତା ପ୍ରଭାବ ସମ୍ପର୍କରେ କୌଣସି ଅନୁଧ୍ୟାନ କରାଯାଇନାହିଁ। ଏ ସମ୍ପର୍କରେ ରିପୋର୍ଟ ପ୍ରସ୍ତୁତ କର୍ତ୍ତା କେବେ ଆସିଥିଲେ ଓ ଏ ନେଇ କିଏ ଖର୍ଚ୍ଚ କରିଥିଲା, କାହା ଆଦେଶ ଦ୍ୱାରା ରିପୋର୍ଟ ପ୍ରସ୍ତୁତ ହୋଇଛି ଏବଂ କେତେ ପରିମାଣ ଟଙ୍କା ଖର୍ଚ୍ଚ ହୋଇଛି, ସେନେଇ କୌଣସି ତଥ୍ୟ ଜିଲା ପ୍ରଶାସନ ନିକଟରୁ ମିଳୁନାହିଁ। ଏପରି କି ରିପୋର୍ଟରେ ପ୍ରସ୍ତୁତକର୍ତ୍ତାଙ୍କ ଫଟୋ ଦସ୍ତଖତ ଅଛି। ସେହିପରି କମିଟିରେ ନ ଥିବା ସଭ୍ୟମାନଙ୍କ ଦସ୍ତଖତ ଦ୍ୱାରା ଏହି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ସେହିପରି ଗ୍ରାମାଞ୍ଚଳ ଲୋକଙ୍କ ପିଇବା ଓ ଖର୍ଚ୍ଚ ପାଇଁ ଦୈନିକ ୪୦ ଲିଟର ପାଣି ଆବଶ୍ୟକତା ଥିବା ରାଜୀବ ଗାନ୍ଧୀ ଡ୍ରିଙ୍କିଂ ୱାଟର ମିଶନରେ ଉଲ୍ଲେଖ ଅଛି। ଏହି ହିସାବରେ ଦୈନିକ ୨୫ ମିଲିୟନ ଲିଟର ପାଣି ଉଠାଇବା ପାଇଁ ଦରକାର ଥିବା ବେଳେ ୧୪୨ ମିଲିୟନ ଲିଟର ଉଠାଯିବ ବୋଲି ଡିପିଆର ହୋଇଛି। ସଂଗ୍ରାମ ସମିତିର ସମ୍ପାଦକ ବିଧାନ ଚନ୍ଦ୍ର ଦାସ, କର୍ମକର୍ତ୍ତା ସବିତା ବରଜ ପ୍ରମୁଖ କହିଛନ୍ତି, ଆଳି ଓ ରାଜକନିକା ବ୍ଲକ ଅଞ୍ଚଳରେ ମୋଟ ୪୮,୭୯୫ ହେକ୍ଟର ଚାଷ ଜମି ଅଛି। ତେବେ ଏଥିପାଇଁ ଏହି ଦୁଇ ବ୍ଲକ ଅଞ୍ଚଳରେ ଗୋଟିଏ ଇଞ୍ଚ ମଧ୍ୟ କେନାଲ ନାହିଁ। ଖରସ୍ରୋତା ନଦୀ ଜଳକୁ ନାଳ ଓ ଉଠା ଜଳସେଚନ ମାଧ୍ୟମରେ ୧୦,୬୧୭ ହେକ୍ଟର ଅଞ୍ଚଳ ଚାଷ ହେଉଛି। ଜିଲା କୃଷି ବିଭାଗ ସର୍ଭେ ରିପୋର୍ଟରେ ଚାଷ ସମୟରେ ୦.୪୬୫ ବିଲିୟନ କ୍ୟୁବିକ ମିଟର ଜଳ କମ୍ ରହୁଛି। ଏଥିସହିତ ଭିତରକନିକା ବନାଞ୍ଚଳରେ ୪୧୦ ଗ୍ରାମ ରହିଛି। ପ୍ରାୟ ୧ ଲକ୍ଷ ଲୋକ ଚାଷ ସହିତ ଜଡ଼ିତ। ଖରସ୍ରୋତାର ମଧୁର ଜଳ ଭଦ୍ରକ ଅଞ୍ଚଳକୁ ଗଲେ ଚାଷ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହେବ। ଅଣମୌସୁମୀ ସମୟରେ ଚାଷ ସହିତ ପାନୀୟ ଜଳ ସମସ୍ୟା ଗୁରୁତର ହେବ। ଏ ନେଇ ଆଇଆଇଟି ହାଇଦ୍ରାବାଦ ରିପୋର୍ଟରେ କୌଣସି ତଥ୍ୟ ନାହିଁ ବୋଲି ସେମାନେ ମତ ଦେଇଛନ୍ତି।

# ଓଭର ହେଡ୍ ପାଣିଟାଙ୍କି କାର୍ଯ୍ୟକ୍ଷମ ହେଉନି

ଆଳି,୨୬।୮(ଡି.ଏନ.ଏ.)

**ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି ମଧୁବନ ଗ୍ରାମବାସୀ**

ରାଜ୍ୟ ସରକାର ଗ୍ରାମାଞ୍ଚଳର ଲୋକମାନଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାକୁ ପ୍ରତି ପଞ୍ଚାୟତରେ ପାନୀୟ ଜଳ ପ୍ରକଳ୍ପ କରି ୧ ଲକ୍ଷ ବିଶିଷ୍ଟ ଓଭର ହେଡ ପାଣି ଟାଙ୍କି ବସାଉଛନ୍ତି। ପାଣି ଟାଙ୍କି କାର୍ଯ୍ୟ ଶେଷ ହୋଇଛି। ହେଲେ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଏଭଳି ଏକ ସମସ୍ୟା ଦେଖିବାକୁ ମିଳିଛି ଆଳି ବ୍ଲକ ଡ଼ିମିରିପାଳ ପଞ୍ଚାୟତ ଅନ୍ତର୍ଗତ ମଧୁବନ ଗ୍ରାମରେ। ମଧୁବନ ଓ ମହାରକୁଳ ଗ୍ରାମରେ ବସବାସ କରୁଥିବା ୪ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ୨୦୧୮ରେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ଠିକାଦାରଙ୍କ ଖାମଖିଆଲି


ଓଭର ହେଡ ଟାଙ୍କି ଥିବା ସତ୍ତ୍ୱେ ମହିଳାମାନେ ନଳକୂଅରୁ ପାଣି ନେଉଛନ୍ତି।

ମନୋଭାବ ଓ ଯନ୍ତ୍ରୀଙ୍କ ଉଦାସୀନତା ଯୋଗୁ ଆଜି ପର୍ଯ୍ୟନ୍ତ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁନି। ଠିକାଦାର ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ପୁଷ୍ପଲତା ମଲ୍ଲିକ, ରୁକ୍ମଣୀ ବେହେରା, ପ୍ରଭାତି ବେହେରା, ଉର୍ମିଳା ବେହେରା, ରଞ୍ଜୁଲତା ବେହେରା, ଗୀତାଞ୍ଜଳି ବେହେରା, ତିଲୋତ୍ତମା ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି, ଗ୍ରାମରେ ଥିବା ନଳକୂପଗୁଡ଼ିକ ଅନେକ ସମୟରେ ଖରାପ ହୋଇଯାଉଛି। ଥରେ ଖରାପ ହେଲେ ମରାମତି ହେବାକୁ ୧୫ ଦିନ ଲାଗି ଯାଉଛି। ଫଳରେ ପାଣି ପାଇଁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ପାଣି ଯୋଗାଇବାକୁ ପ୍ରକଳ୍ପ କରିଥିଲେ ନା ଆମକୁ ଟାଙ୍କି ଦେଖାଇ ଭଣ୍ଡାଇବା ପାଇଁ କରିଥିଲେ ସେ ନେଇ ପ୍ରଶ୍ନ କରିଛନ୍ତି। ଶୀଘ୍ର ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ନ କଲେ ସେମାନେ କେନ୍ଦ୍ରାପଡ଼ା ଜିଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଆଳି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠଯନ୍ତ୍ରୀ ଅଶୋକ ସାହୁଙ୍କୁ ପଚାରିବାରୁ ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ। ପରୀକ୍ଷାମୂଳକ ଭାବେ ଥରେ ଥରେ ପାଣି ଚଲାଯାଇଥିଲା। ଆଉ ଅଳ୍ପ କିଛି କାର୍ଯ୍ୟ ବାକି ରହିଛି। ଖୁବଶୀଘ୍ର ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ଲୋକଙ୍କୁ ପାଣି ଯୋଗାଣ କରାଯିବ। ଏଠାରେ ଦେଖିବାକୁ ବାକି ରହିଲା କେବେ ମଧୁବନବାସୀଙ୍କୁ ପାଣି ମିଳୁଛି ।

# ନ୍ୟାୟ ଅପେକ୍ଷାରେ ସ୍ୱର୍ଣ୍ଣଲତା

କେନ୍ଦ୍ରାପଡା ଅଫିସ, ୨୬।୮

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ବିଶ୍ୱଜିତ ମହାନ୍ତି ୪ ସପ୍ତାହ ମଧ୍ୟରେ ଏକ ଠକେଇ ଓ ମାରିଦେବା ଅଭିଯୋଗ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ରାପଡ଼ା ଜିଲା ପୋଲିସକୁ ଜୁଲାଇ ୨୦ରେ ନିର୍ଦ୍ଦେଶ ଦେଇଥିଲେ। ତେବେ ଟାଉନ ଥାନାରେ ଏ ନେଇ ମେ ୯ରେ ଅଭିଯୋଗପତ୍ର ଦିଆଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏ ସମ୍ପର୍କରେ ଅଭିଯୋଗକାରିଣୀ କଟକ ଜିଲା ମର୍କତନଗରର ସ୍ୱର୍ଣ୍ଣଲତା ଦଳାଇ କହିଛନ୍ତି, କେନ୍ଦ୍ରାପଡ଼ା ସହରର ଡାକ୍ତରଖାନା ନିକଟ ବଡପୋଖରୀ ପାଖ ଗାଁର ଗୋଲକ ଚନ୍ଦ୍ର ପଢ଼ିଆରୀ ୨.୫୨ ହଜାର ଟଙ୍କା ତାଙ୍କଠାରୁ ଠକି ନେଇଛନ୍ତି। ଏହି ଟଙ୍କା ଫେରସ୍ତ ମାଗିବାରୁ ହତ୍ୟା ଧମକ ଦେଇଛନ୍ତି। ଏ ନେଇ ମେ ମାସରେ ଟାଉନ ଥାନାରେ ଅଭିଯୋଗପତ୍ର ଦାଖଲ କରିଥିଲେ। ଥାନାରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲି। ହାଇକୋର୍ଟରେ ୪ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ଟାଉନ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। କେନ୍ଦ୍ରାପଡ଼ା ଜିଲାରେ ପୋଲିସଠାରୁ ନ୍ୟାୟ ମିଳିବା ଅପେକ୍ଷାରେ ଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ଜ୍ୟୋତିରଞ୍ଜନ ସାମନ୍ତରାୟ କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହାର ପ୍ରାଥମିକ ତଦନ୍ତ ଚାଲିଥିବା ସେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଅଭିଯୁକ୍ତ ପଢ଼ିଆରୀ କହିଛନ୍ତି, ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ କପୋଳକଳ୍ପିତ ଓ ଭିତ୍ତିହୀନ।

# ସରକାରୀ ରାସ୍ତାରେ କୋଠା ନିର୍ମାଣ କାର୍ଯ୍ୟ

**ଅଭିଯୋଗ ପରେ ତହସିଲଦାରଙ୍କ କାର୍ଯ୍ୟବନ୍ଦ ନିର୍ଦ୍ଦେଶ**

ଡେରାବିଶ,୨୬।୮(ସ୍ୱ.ପ୍ର.)

ଡେରାବିଶ ତହସିଲ ଦାନପୁର ରାଜସ୍ୱ ସର୍କଲ ଚାନ୍ଦୋଳ-ଦାନପୁର ରାସ୍ତାର କେଶରପୁରଠାରେ ସରକାରୀ ରାସ୍ତାରେ କୋଠା ନିର୍ମାଣ କାର୍ଯ୍ୟ ଚାଲିଥିବା ନେଇ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇଁ ତହସିଲଦାର ସସ୍ମିତ ଶତପଥୀ ଘଟଣାସ୍ଥଳରେ ପହଞ୍ଚି ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ସହ ସରଜମିନ ମାପଚୁପ ପରେ ଯାହା କିଛି ହେବ ବୋଲି ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଦାନପୁର ରାଜସ୍ୱ ସର୍କଲ ଅଧୀନ କେଶରପୁର ଗାଁରେ ଥିବା ୧୭୨୯ ନଂ. ପ୍ଲଟ ଉପରେ ଅମ୍ବିକା ପ୍ରସାଦ ରଥ ଘର କରି ରହୁଛନ୍ତି। ଏବେ ସେ ଘରକୁ ଲଗାଇ ନିର୍ମାଣ କରୁଥିବା ନୂତନ ଘର ୧୭୨୮ ନଂ. ପ୍ଲଟ କିସମ ସରକାରୀ ରାସ୍ତା ଉପରେ ହେଉଛି ବୋଲି


ରାସ୍ତାରେ ନିର୍ମାଣା ଚାଲିଥିବା କୋଠା ଘର।

କେଶରପୁର ଗ୍ରାମର ବିଧୁପ୍ରସାଦ ରଥ ଓ ଜଗନ୍ନାଥ ପ୍ରସାଦ ରଥ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହି ନିର୍ମାଣ କାର୍ଯ୍ୟ ହେବା ଦ୍ୱାରା ବିଧୁପ୍ରସାଦ ଓ ଜଗନ୍ନାଥଙ୍କ ମାଲିକାନାରେ ଥିବା ଘରବାଡ଼ି ପ୍ଲଟରୁ ରାସ୍ତାକୁ ବାହାରିବା ପାଇଁ ବାଟ ବନ୍ଦ ହୋଇଯିବ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏଥିସହ ଦାନପୁର-ଚାନ୍ଦୋଳ ରାସ୍ତାର ଏହି ସ୍ଥାନଟି ଏକ ଛକ ସ୍ଥାନ ଥିବାରୁ ନିର୍ମାଣ କାର୍ଯ୍ୟ ଫଳରେ ରାସ୍ତାର ଚଉଡ଼ା କମିଯିବ ବୋଲି ମଧ୍ୟ ଅଭିଯୋଗ କରାଯାଇଛି। ଫଳରେ ରାସ୍ତାରେ ଯାନବାହନ ଚଳାଚଳରେ ବହୁ ଅସୁବିଧା ଦେଖାଦେବ ବୋଲି ଅଭିଯୋଗ ହୋଇଛି। ତେବେ ଏ ସମ୍ପର୍କରେ ନିର୍ମାଣ କାର୍ଯ୍ୟ କରୁଥିବା ଅମ୍ବିକା ପ୍ରସାଦ ରଥଙ୍କୁ ପଚାରିବାରୁ ସେ ଏହି ନିର୍ମାଣ କାର୍ଯ୍ୟ ସରକାରୀ ରାସ୍ତା ନୁହେଁ ବରଂ ତାଙ୍କ ନିଜ ସମ୍ପତ୍ତିରେ କରୁଛନ୍ତି ବୋଲି ପ୍ରକାଶ କରିଥିଲେ।

# ୩ ନାବାଳିକା ମିଳିଲେ

ରାଜନଗର,୨୬।୮(ଡି.ଏନ.ଏ.)

ଦୀର୍ଘ ୫ମାସରୁ ଊର୍ଦ୍ଧ୍ୱ ଦିନ ଧରି ନିଖୋଜ ଥିବା ୩ ନାବାଳିକାଙ୍କୁ ରାଜନଗର ପୋଲିସ ବିଭିନ୍ନ ସ୍ଥାନରୁ ଉଦ୍ଧାର କରିଛି। ରାଜନଗର ଆଇଆଇସି ତପନ କୁମାର ନାୟକଙ୍କ ନେତୃତ୍ୱରେ ଏଏସ୍‌ଆଇ ବିଜୟ କୁମାର ବରାଳ, ଅଜୟ କୁମାର ସାହୁ, ବିଭୁ ପ୍ରସାଦ ରାଉତଙ୍କୁ ନେଇ ଗଠିତ ଟିମ୍ ଗୁରୁବାର ରାଜନଗର ଥାନା ଅନ୍ତର୍ଗତ ବାଲିସାହିପାଟଣା ପଞ୍ଚାୟତର ଧାନଦିଆ ଗ୍ରାମର ୨ଜଣ, ଗୁପ୍ତି ପଞ୍ଚାୟତ ଚାରିଘରିଆ ଗ୍ରାମର ଜଣେ ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି। ମହାକାଳପଡ଼ା ବ୍ଲକ ଜମ୍ବୁ, ପଟ୍ଟାମୁଣ୍ଡାଇ ଓ ରାଜନଗର ଅଞ୍ଚଳରୁ ଏମାନଙ୍କୁ ଉଦ୍ଧାର କରିଛନ୍ତି। ଉଦ୍ଧାର କରାଯାଇଥିବା ନାବାଳିକାମାନଙ୍କୁ ଡାକ୍ତରୀ ମାଇନା କରାଯାଇ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ପୋଲିସ ବିଭାଗ ପକ୍ଷରୁ ଚଳିତ ମାସ ୨୪ରୁ ୩୧ ତାରିଖ ଯାଏ ସମଗ୍ର ରାଜ୍ୟରେ ନିଖୋଜ ଥିବା ନାବାଳିକା, ନାବାଳକଙ୍କୁ ଉଦ୍ଧାର କରିବାକୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି।

# ଯୋର, ଘେରିବନ୍ଧ କାମ କରିବାକୁ ଦାବି


ପାଣି ନ ଥିବାରୁ ଚାଷ ଜମିରେ ନଷ୍ଟ ଧାନ ତଳିକୁ ଚାଷୀମାନେ ଦେଖାଉଛନ୍ତି।

ଆଳି,୨୬।୮(ଡି.ଏନ.ଏ.)

ଆଳିବ୍ଲକ ନବନିର୍ମାଣ ଗ୍ରାମ୍ୟ କୃଷକ ସଙ୍ଗଠନ ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛି ସ୍ୱାଧୀଧତାର ୭୫ ବର୍ଷ ପରେ ମଧ୍ୟ ଆଳି ଅଞ୍ଚଳ ଚାଷୀମାନଙ୍କ ଅବସ୍ଥାର କୌଣସି ପରିବର୍ତ୍ତନ ହୋଇନାହିଁ। ଚାଷୀମାନେ ଚଳିତ ବର୍ଷ ଧାନ ଚାଷ କରିଥିବା ଜମିଗୁଡ଼ିକ ବର୍ଷା ଅଭାବରୁ ଫାଟି ଆଁ କଲାଣି। ଧାନଗଛଗୁଡ଼ିକ ଜଳିଗଲାଣି। ପାଣି ପାଇଁ ଯୋର ଓ ଘେରି ବନ୍ଧ କାମ ଶେଷ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଚାଷର ଏ ଅବସ୍ଥା ଦେଖି ସେମାନେ ଆଶଙ୍କାରେ ରହିଛନ୍ତି। ତେଣୁ ଏ ବିଷୟରେ ସରକାର ଚିନ୍ତା କରି ଚାଷୀମାନଙ୍କ ଅବସ୍ଥା ପ୍ରତି ଦୃଷ୍ଟି ଦେବା ଉଚିତ। ଛପୋଲିଆଠାରୁ ଅର୍ଜୁନପୁର ପର୍ଯ୍ୟନ୍ତ ଖୋଳା ଯାଇଥିବା ଯୋର ଅଧାପନ୍ତରିଆ ହୋଇ ପଡ଼ିରହିଛି। ତୁରନ୍ତ ବିଭାଗୀୟ ଅଧିକାରୀ ଏ ବିଷୟ ପ୍ରତି ଦୃଷ୍ଟି ଦେଇ କାମ ଶେଷ କରିବାକୁ ସେମାନେ ଦାବି କରିଛନ୍ତି। ସେହିପରି ଶାଳିଅଞ୍ଚ ଗ୍ରାମଠାରୁ କେନାଲ ପର୍ଯ୍ୟନ୍ତ ଯାଇଥିବା ଘେରି ବନ୍ଧ ନଷ୍ଟ ହୋଇଯିବାରୁ ସେଠାରେ ଚାଷ ପାଇଁ ପାଣି ଗଚ୍ଛିତ ହୋଇ ରହି ପାରୁନି। ଫଳରେ ଚାଷ କାର୍ଯ୍ୟ ବ୍ୟାହତ ହେଉଛି। ସରକାର ତୁରନ୍ତ ସେମାନଙ୍କ ଦାବି ପୂରଣ ଦିଗରେ ପଦକ୍ଷେପ ନେବାକୁ ନବନିର୍ମାଣ କୃଷକ ସଂଘର ବ୍ଲକ ସଭାପତି ପରିକ୍ଷିତ ପାତ୍ର, ସମ୍ପାଦକ ସୁଭାଶିଷ ରାଉତଙ୍କ ସମେତ ଚାଷୀ ରବୀନ୍ଦ୍ର ନାୟକ, ଶିବ ଚରଣ ମଲ୍ଲିକ, ବଂଶୀଧର ସ୍ୱାଇଁ, ରବୀନ୍ଦ୍ର ମଲ୍ଲିକ, ରବୀନ୍ଦ୍ର ଜେନା, କଳ୍ପତରୁ ଜେନା, ଭରତ ରାଉତଙ୍କ ସମେତ ଶତାଧିକ ଚାଷୀ ଦାବି କରିଛନ୍ତି।

# ଡାଙ୍ଗମାଳ-ତାଳଚୁଆ ରାସ୍ତା ନବୀକରଣରେ ଅନିୟମିତତା

**ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ପୂର୍ବତନ ବିଧାୟକ**

କେନ୍ଦ୍ରାପଡ଼ା ଅଫିସ, ୨୬।୮

କେନ୍ଦ୍ରାପଡ଼ା ଜିଲା ପୂର୍ତ୍ତ ବିଭାଗ ପାଇଁ ଡାଙ୍ଗମାଳ-ତାଳଚୁଆ ରାସ୍ତା ନବୀକରଣରେ ଅର୍ଥ ହଡପ ଓ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସମୁଦ୍ର ତଟ ଅଞ୍ଚଳର ଏହି ରାସ୍ତା ଲୋକଙ୍କ କାର୍ଯ୍ୟରେ ଆସୁନାହିଁ। ୨୦୨୦-୨୧ବର୍ଷରେ ହୋଇଥିବା କାର୍ଯ୍ୟର ତଦନ୍ତ ନିର୍ଦ୍ଦେଶ ଦେବାକୁ ରାଜନଗରର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଗୁରୁବାର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ପୂର୍ବତନ ବିଧାୟକ ମହାନ୍ତି କହିଛନ୍ତି, ରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏହି ରାସ୍ତାର ନିର୍ମାଣରେ ବହୁ ଅନିୟମିତତା ରହିଛି। ପୂର୍ତ୍ତ ବିଭାଗ ପକ୍ଷରୁ କାର୍ଯ୍ୟର ତଦାରଖ କରିବାକୁ ଥିବା ବେଳେ ଅଧିକାରୀଙ୍କ ପ୍ରକଳ୍ପ ନିର୍ମାଣ ସ୍ଥାନରେ ଦେଖିବାକୁ ମିଳିନାହିଁ। ଫଳରେ ରାସ୍ତା ନିର୍ମାଣ ସମୟରେ ଅଳ୍ପ ଟଙ୍କା ଖର୍ଚ୍ଚ କରି ବିଲ୍ ଉଠାଇବା ମସୁଧାରେ ଅଛନ୍ତି। ଗତ ଆର୍ଥିକ ବର୍ଷରେ ଏହି ରାସ୍ତାର ନିର୍ମାଣ ପାଇଁ ୪୦ ଲକ୍ଷ ଟଙ୍କା ଆସିଥିଲା। ସେହିପରି ଚଳିତ ଆର୍ଥିକ ବର୍ଷରେ ଏହି ରାସ୍ତାର ନବୀକରଣ ପାଇଁ ୨୫ ଲକ୍ଷ ଟଙ୍କା ଆସିଛି। ଏତେ ପରିମାଣରେ ଟଙ୍କା ଖର୍ଚ୍ଚ ପାଇଁ ଓପିଡବ୍ଲ୍ୟୁଡି କୋଡ୍ ଅନୁଯାୟୀ ପ୍ରକଳ୍ପର ଟେଣ୍ଡର ହେବା ସହ ସ୍ଲିଟିଂ ହୋଇପାରିବ ନାହିଁ। ତେବେ ଏହି ପ୍ରକଳ୍ପରେ କୌଣସି ଇ’ ଟେଣ୍ଡର ହୋଇନାହିଁ। ଠିକା ସଂସ୍ଥା ଏଠାରେ ମନଇଚ୍ଛା କାର୍ଯ୍ୟ କରୁଛଛି। ପଳରେ ସ୍ଥାନୀୟ ଅଞ୍ଚଳବାସୀ ରାସ୍ତାକୁ ବ୍ୟବହାର କରି ପାରୁନାହାନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଏ ନେଇ ଚିଠି ଲେଖିବା ସହ ଏହାର କପି ମୁଖ୍ୟ ଶାସନ ସଚିବ, ୫-ଟି ସଚିବ, ୱାର୍କସ ଡିପାର୍ଟମେଣ୍ଟର କମିଶନର, ଇଆଇସି ଓ ପୂର୍ତ୍ତ ବିଭାଗ ମୁଖ୍ୟଙ୍କୁ ପ୍ରଦାନ କରାଯାଇଛି।


ଡାଙ୍ଗମାଳ- ତାଳଚୁଆ ନବିକରଣ କରାଯାଉଥିବା ରାସ୍ତା।

# ବିଷ, ଫାଶରେ ଯାଉଛି ପକ୍ଷୀଙ୍କ ଜୀବନ

- ଓରୁଅପାଳ ଜଙ୍ଗଲରେ ଅସୁରକ୍ଷିତ ପକ୍ଷୀ ସମ୍ଭାର
- ବିଭାଗ ଆଢୁଆଳରେ ପ୍ରାକୃତିକ ଗନ୍ତାଘର

ମହାକାଳପଡ଼ା,୨୬।୮(ଡି.ଏନ୍.ଏ.)

ପ୍ରାକୃତିକ ପରିବେଶକୁ ନେଇ ନିଜକୁ ସୁରକ୍ଷିତ ମନେ କରନ୍ତି ପକ୍ଷୀ ଓ ବନ୍ୟଜନ୍ତୁ। ବିଭିନ୍ନ ପ୍ରଜାତିର ପକ୍ଷୀ ଖାପଖୁଆଇଲା ଭଳି ପରିବେଶରେ ବସା ବାନ୍ଧିଥାନ୍ତି। କୌଣସି ବିପଦ ଆଶଙ୍କା ପୂର୍ବରୁ ସେହି ସ୍ଥାନ ପରିତ୍ୟାଗ କରନ୍ତି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳର ଅଧିକାଂଶ ଜଙ୍ଗଲରେ ବିଭିନ୍ନ ପ୍ରଜାତିର ଦେଶୀୟ ପକ୍ଷୀଙ୍କ ସମ୍ଭାର ଦେଖିବାକୁ ମିଳୁଛି। ଗୋବରୀ ନଦୀ ପାର୍ଶ୍ୱବର୍ତ୍ତୀ ଲୁଣା ଓ ହେନ୍ତାଳ ଜଙ୍ଗଲ ନାଳର ଉପର ସ୍ଥାନରେ ସୁରକ୍ଷିତ ଓରୁଅପାଳ ଘଞ୍ଚ ବୁଦାରେ ବଉଳା କୁମ୍ଭୀରଙ୍କ ବସାରେ ଅଣ୍ଡା ଦେଇଥାନ୍ତି। ଅପରପକ୍ଷେ ଅନେକ ସମୟରେ ଦେଶୀୟ ପକ୍ଷୀଙ୍କ ଉପରେ ସ୍ଥାନୀୟ ଶିକାରୀଙ୍କ ଲୋଲୁପ ଦୃଷ୍ଟି ପଡେ। ଶିକାରୀମାନେ ନଦୀ ମଧ୍ୟରେ ଡଙ୍ଗା ସାହାଯ୍ୟରେ ଜଙ୍ଗଲରେ ସତର୍କତାର ସହ ପ୍ରବେଶ କରି ଫାଶ, ଜାଲ, ଚୁନା ମାଛରେ ବିଷ ଦେବା ଓ ଛିଟିକିଣୀ ବସାଇ ଏହି ପକ୍ଷୀଙ୍କୁ ଶିକାର କରୁଥିବା ଅଭିଯୋଗ ହେଉଛି। ଏହାର ସୁରକ୍ଷା ପାଇଁ ବନ ବିଭାଗ


ଗୋବରୀ ନଦୀ ପାର୍ଶ୍ୱ ଓରୁଅପାଳ ଜଙ୍ଗଲରେ ପକ୍ଷୀ ସମ୍ଭାର।

ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ପରିବେଶବିତ୍, ପକ୍ଷୀ ପ୍ରେମୀମାନେ ଦାବି କରିଛନ୍ତି। ମହାକାଳପଡା ବ୍ଲକ ଉପକୂଳ ଏକଲପୁର ଗ୍ରାମ ସଂଲଗ୍ନ ପାର୍ଶ୍ୱରେ ବୋହିଯାଇଛି ଗୋବରୀ ନଦୀ ପାର୍ଶ୍ୱ ତ୍ରିକୋଣଭୂମି ଅଞ୍ଚଳର ୧୦୦ ଏକରରୁ ଅଧିକ ଓରୁଅପାଳ ଘଞ୍ଚ ଲୁଣା ଜଙ୍ଗଲ ପରିବେଷ୍ଟିତ ହୋଇ ରହିଛି।

ଜଙ୍ଗଲରେ ବିଭିନ୍ନ ପ୍ରଜାତିର ଦେଶୀୟ ଓ ବିଦେଶୀ ପକ୍ଷୀଙ୍କ ସମାଗମ ଦେଖିବାକୁ ମିଳେ। ବନ୍ୟଜନ୍ତୁଙ୍କ ମଧ୍ୟରେ ହରିଣ, ବାଘ୍ହା, ସାଲୁଆ ପତାନି, ହେଟା, ଶିଆଳ ସମେତ ବିଭିନ୍ନ ପ୍ରଜାତିର ଦେଶୀ ପକ୍ଷୀଙ୍କ ମଧ୍ୟରେ ବଗ, ଗେଣ୍ଡାଳିଆ, କାମ ଚଢ଼େଇ ସମେତ ସରୀସୃପ ତଥା କ୍ୟାମିଲିଆନ ପ୍ରଜାତିର ସାତରଙ୍ଗୀ ଏଣ୍ଡୁଅ, ବଉଳା କୁମ୍ଭୀର ବସା ରହିଛି। ବିଶେଷକରି ଏହି ଜଙ୍ଗଲରେ ଲୁଣା ଜାତୀୟ ଓରୁଅ ଗଛ ଦେଖିବାକୁ ମିଳେ। ବନୀ, ରାଇ, ସୁନ୍ଦରୀ, କେରୁହା, ସିନ୍ଦୁକା, କାଳିଆଖାଡି, ନାଳିଆ ଘାସ, ହେନ୍ତାଳ ଗଛ ଦେଖିବାକୁ ମିଳେ। ଓରୁଅ ଫଳ ପାଚିଲେ ପକ୍ଷୀମାନେ ଖାଇଥାନ୍ତି। ଚାଷ ଜମିରୁ ପକ୍ଷୀମାନେ ଚୁନା ମାଛ, ପୋକ ଜୋକ, କୀଟପତଙ୍ଗ, ଝିଣ୍ଟିକା ସମେତ ବିଭିନ୍ନ ଖାଦ୍ୟ ଖାଇବା ସହ ଛୁଆଙ୍କ ପାଇଁ ବସା ମଧ୍ୟକୁ ନେଇଥାନ୍ତି। ଝଡ଼ବର୍ଷା ପବନ ହେଲେ ଏହି ପକ୍ଷୀମାନେ ବାହାରକୁ ନ ଯାଇ ବସାରେ ଶାବକ ସହ ନିଜେ ସୁରକ୍ଷିତ ଭାବେ ରୁହନ୍ତି। ସ୍ଥାନୀୟ ଲୋକମାନେ କହିବା କଥା ଏହି ଜଙ୍ଗଲ ଅଞ୍ଚଳର ସୁରକ୍ଷା ପାଇଁ ପ୍ରଶାସନିକ ସ୍ତରୀୟ ସଂରକ୍ଷଣ ଜଙ୍ଗଲ ଘୋଷଣା ହୋଇପାରିଲେ ଅନେକ ବନ୍ୟଜନ୍ତୁ, ପକ୍ଷୀଙ୍କ ବଂଶ ବୃଦ୍ଧି ପାଇ ପାରନ୍ତା। ଏଥିସହ ଦୂର ସ୍ଥାନରୁ ପର୍ଯ୍ୟଟକମାନେ ଏହି ସ୍ଥାନରେ ଭିଡ଼ ଜମେଇ ଗୋବରୀ ନଦୀର ଡଙ୍ଗାରେ ପରିଭ୍ରମଣ କରି ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ ବୋଲି ପରିବେଶବିତ୍ ସମରେନ୍ଦ୍ର ମାହାଳି ମତବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତିର ତଦନ୍ତ ଆରମ୍ଭ

ସିଂହପୁର,୨୬।୮(ଡ.ଏନ.ଏ.):ବିଞ୍ଝାରପୁର ବ୍ଲକ ଅଧୀନ ସିଂହପୁର ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ହୋଇଥିବା ଦୁର୍ନୀତିର ତଦନ୍ତ ଦାବିକରି ପୂର୍ବତନ ସରପଞ୍ଚ ନିରଞ୍ଜନ ବେଉରିଆ ଓ ଗ୍ରାମର କେତେଜଣ ଯୁବକ ଅନଶନରେ ବସିଥିଲେ। ଏହାପରେ ଜିଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ନିର୍ଦ୍ଦେଶ ଅନୁସାରେ ଗୁରୁବାର ତଦନ୍ତ ଆରମ୍ଭ ହୋଇଛି। ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ବିଡିଓ, ଜେଇ ପ୍ରମୁଖ ଅଭିଯୋଗ ଥିବା ପ୍ରକଳ୍ପ ଗୁଡ଼ିକ ନିକଟକୁ ଯାଇ ତଦନ୍ତ କରି ଫେରିଛନ୍ତି। ତେବେ ଏହି ତଦନ୍ତ ପ୍ରକ୍ରିୟାକୁ ନେଇ ପୂର୍ବତନ ସରପଞ୍ଚ ବେଉରିଆ ଅସନ୍ତୋଷ ପ୍ରକାଶ କରିବା ସହିତ ନିରପେକ୍ଷ ତଦନ୍ତ ଦାବି କରି ଜିଲାପାଳଙ୍କୁ ପତ୍ର ଲେଖିଛନ୍ତି। ତାଙ୍କ କହିବା ଅନୁସାରେ, ଏହି ଦୁର୍ନୀତିରେ ବିଡିଓ, ଜେଇ, ପିଇଓ ପ୍ରମୁଖଙ୍କ ସମ୍ପୃକ୍ତି ରହିଛି। ତେଣୁ ଜିଲା ପ୍ରଶାସନ ଏହିମାନଙ୍କୁ ସାଙ୍ଗରେ ନେଇ ତଦନ୍ତ କଲେ ତାହା ବାଟବଣା ହେବ। ଦୁର୍ନୀତିରେ ସମ୍ପୃକ୍ତି ନ ଥିବା ଅଧିକାରୀ, ସରପଞ୍ଚ ଓ ଗ୍ରାମବାସୀଙ୍କୁ ନେଇ ଜିଲାପ୍ରଶାସନ ନିରପେକ୍ଷ ତଦନ୍ତ କରିବାକୁ ସେ ଦାବି କରିଛନ୍ତି।

### ଡେଙ୍ଗୁ ଭୟରେ ଲୋକେ ଆତଙ୍କିତ

ସିଂହପୁର,୨୬।୮(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକର ସିଂହପୁର ଅଞ୍ଚଳରେ ଡେଙ୍ଗୁ ଆତଙ୍କ ସୃଷ୍ଟି କରିଛି। ଏକସପ୍ତାହ ମଧରେ ସିଂହପୁର ପଞ୍ଚାୟତରେ ୧୦ରୁ ଅଧିକ ଲୋକେ ଡେଙ୍ଗୁରେ ଆକ୍ରାନ୍ତ ହେଲେଣି। ଏପରି କି ଦୁଇ ଜଣ ଗୁରୁତର ହୋଇ ଭୁବନେଶ୍ୱରରେ ଚିକିତ୍ସାଧୀନ ଅଛନ୍ତି। ଏହି ଅଞ୍ଚଳରେ ବହୁସ୍ଥାନ ଅଳିଆ ଆବର୍ଜନା ଥିବାରୁ ଏହି ରୋଗ ବ୍ୟାପୁଥିବା ବୁଦ୍ଧିଜୀବୀ କହିଛନ୍ତି। ତେବେ ଡେଙ୍ଗୁ ରୋଗ ବ୍ୟାପୁଥିବାରୁ ଜନସାଧାରଣଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଏପରିସ୍ଥିତିରେ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ହେଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହୋଇଛି।

### ବ୍ରହ୍ମଚାରୀ ଅମରାନନ୍ଦ ଦାସଙ୍କ ଦେହାନ୍ତ

ଚଣ୍ଡିଖୋଲ,୨୬।୮(ଡି.ଏନ.ଏ.): ବଡ଼ଚଣା ବ୍ଲକ ଗୁଣ୍ଡୁଣିଠାରେ ଥିବା ଶୂନ୍ୟବାସୀ ଉଦାସ ଯମୁନା ଆଶ୍ରମର ମୁଖ୍ୟ ମହନ୍ତ ବ୍ରହ୍ମଚାରୀ ଅମରାନନ୍ଦ ଦାସଙ୍କ ଦେହାନ୍ତ ହୋଇଯାଇଛି। ଅମରାନନ୍ଦ ଉଦାସ ଯମୁନା ଆଶ୍ରମର ପ୍ରତିଷ୍ଠାତା ବ୍ରହ୍ମଚାରୀ ସ୍ୱର୍ଗତ ଯମୁନା ଦାସଙ୍କ ପଟ୍ଟଶିଷ୍ୟ ଥିଲେ। ଯମୁନା ଦାସଙ୍କ ସ୍ୱର୍ଗବାସ ପରେ ତାଙ୍କୁ ଉଦାସ ଯମୁନା ଆଶ୍ରମର ମୁଖ୍ୟଭାବେ ସ୍ଥାନୀୟ ଲୋକେ ମାନି ନେଇଥିଲେ। ତାଙ୍କ ଘର ଢେଙ୍କାନାଳ ଜିଲା ଗଁନ୍ଦିଆ ବ୍ଲକ ଅନ୍ତର୍ଗତ ଚଣ୍ଡିଆ ଗ୍ରାମରେ। କିଶୋର ଅବସ୍ଥାରେ ତାଙ୍କୁ ତାଙ୍କ ପିତାମାତା ଯମୁନା ଦାସଙ୍କ ନିକଟରେ ସମର୍ପଣ କରିଦେବା ଯୋଗୁ ସେଠାରେ ବ୍ରହ୍ମଚାରୀ ଭାବରେ ରହିଥିଲେ। ଉଦାସ ଧର୍ମର ପ୍ରଚାର ପ୍ରସାର କରିବାରେ ତାଙ୍କର ମୁଖ୍ୟ ଭୂମିକା ଥିଲା। ତାଙ୍କ ଦେହାନ୍ତ ପରେ ବଡ଼ଚଣା ଓ ଗଁନ୍ଦିଆ ଅଞ୍ଚଳରେ ଶୋକାର ଛାୟା ଖେଳିଯାଇଛି।

### ପୁରୁଣା ମାମଲାରେ ବାପ, ପୁଅ ଗିରଫ

ସିଂହପୁର,୨୬।୮(ଡ.ଏନ.ଏ.): ବିଞ୍ଝାରପୁର ଥାନା ଜରି ଫାଣ୍ଡି ଅଧୀନ ବାଙ୍ଗରା ଗ୍ରାମର ଦୀପକ ମଲ୍ଲିକ ଓ ତାଙ୍କ ବାପା ସୁରେନ୍ଦ୍ର ମଲ୍ଲିକଙ୍କୁ ଏକ ପୁରୁଣା ମାମଲାରେ ଫାଣ୍ଡି ଅଧିକାରୀ ଅଶୋକ ସ୍ୱାଇଁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ବାପ, ପୁଅ ଫେରାର ଥିଲେ। ତେବେ ଉଭୟ ଗାଁକୁ ଆସିଥିବା ଖବର ପାଇ ଫାଣ୍ଡି ଅଧିକାରୀ ସ୍ୱାଇଁ ବାଙ୍ଗରା ଗ୍ରାମରେ ଚଢ଼ାଉ କରି ଉଭୟଙ୍କୁ ଗିରଫ କରିଥିଲେ।

### ହସ୍ତଶିଳ୍ପ କର୍ମଶାଳା ଉଦ୍‌ଘାଟିତ

ତିର୍ତ୍ତୋଲ,୨୬।୮(ଡି.ଏନ.ଏ.): ଜଗତ୍‌ସିଂହପୁର ଜିଲା ଶିଳ୍ପ କେନ୍ଦ୍ର ଆନୁକୂଲ୍ୟରେ ପିପ୍ପଳମାଧବ ଗ୍ରାମ ନୀଳମାଧବ ମନ୍ଦିର ନିକଟରେ ବୁଧବାର ଏକ ହସ୍ତଶିଳ୍ପ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଜିଲା ଶିଳ୍ପ କେନ୍ଦ୍ରର ଉପନିର୍ଦ୍ଦେଶକ ଚିତ୍ତରଞ୍ଜନ ଜେନମା ଯୋଗଦେଇ କର୍ମଶାଳା ଶିବିରର ଉଦଘାଟନ କରିଥିଲେ। ଏଥିରେ ସ୍ଥାନୀୟ ୪ଟି ଏସ୍‌ଏଜିର ୬୦ ଜଣ ସଦସ୍ୟା ସାମିଲ ହୋଇଥିଲେ। ଅନ୍ୟ ମାନଙ୍କ ମଧରେ ଇଣ୍ଡିଆନ ହ୍ୟୁମାନ ରାଇଟର ଜିଲା ସଭାପତି ଗଗନ ବିହାରୀ ପୃଷ୍ଟି, ସ୍ମୃତିର ସମ୍ପାଦିକା କନକଲତା ସୂତାର, ଭାରତୀୟ ହ୍ୟୁମାନ ରାଇଟ କାଉନସିଲର ଜିଲା ଯୁଗ୍ମ ସମ୍ପାଦକ ଗୌରଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଏସ୍‌ଏଚଜି ସଦସ୍ୟା ତପସ୍ୱିନୀ ରଥ, ଅନୀତା ଆଚାର୍ଯ୍ୟ, ଅନୀତା ଲେଙ୍କା, ମିନର୍ଭା ଦାସ, ମୀତା ପାଲ୍ ଓ ସସ୍ମିତା ମହାନ୍ତି ସହାୟତା କରିଥିଲେ।

# ବ୍ୟାସନଗରରେ ହେବ ଇନ୍‌ଡୋର ଷ୍ଟାଡିୟମ

- ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ମିଳିଲା
- ପର୍ଯ୍ୟଟନସ୍ଥଳୀ ବ୍ୟାସ ସରୋବରକୁ ଉପେକ୍ଷା

ଯାଜପୁର ଅଫିସ,୨୬।୮



ବ୍ୟାସନଗରରେ ଥିବା ରାଜୀବ ଗାନ୍ଧୀ ଷ୍ଟାଡିୟମ୍।

ରାଜ୍ୟର ୫୨ଟି ଏନଏସି, ୩୦ଟି ମ୍ୟୁନିସିପାଲିଟି ଓ ୩ଟି ମ୍ୟୁନିସିପାଲ କର୍ପୋରେଶନ ଅଞ୍ଚଳରେ ୮୯ଟି ମଲ୍ଟିମୁଖୀ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ କ୍ୟାବିନେଟର ମଞ୍ଜୁରୀ ମିଳିଛି। ଏହାପରେ ରାଜ୍ୟ ସରକାରଙ୍କ ୱାର୍କସ ଡିପାର୍ଟମେଣ୍ଟର ଅଧସ୍ତନ ସଚିବ ମୁକ୍ତିକାନ୍ତ ପାତ୍ର ଗତ ୧୬।୮।୨୦୨୧ରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଲ୍ଡିଂ ବିଭାଗର ଓଏସ୍‌ଡିଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଯାଜପୁର ଜିଲାର ବ୍ୟାସନଗର ପୌରାଞ୍ଚଳ ମଧ ଏହି ତାଲିକାରେ ସ୍ଥାନ ପାଇଛି। ଏହା ବ୍ୟାସନଗର ଅଞ୍ଚଳର ଖେଳ ପ୍ରେମୀଙ୍କ ମଧରେ ଖୁସିର ଲହରି ଖେଳାଇ ଦେଇଛି। ଅନ୍ୟପକ୍ଷେ ଜିଲାରେ ଏପରି ଅନେକ ବିକାଶ କାର୍ଯ୍ୟ ଅଧାରେ ଅଟକି ରହିଛି । ଇନ୍‌ଡୋର ଷ୍ଟାଡିୟମ କାର୍ଯ୍ୟକ୍ଷମ ନ ହେବା ପର୍ଯ୍ୟନ୍ତ ତା'ର ଭବିଷ୍ୟତ କଥା କହି ହେବ ନାହିଁ ବୋଲି ଅନେକ ମତ ଦେଉଛନ୍ତି ।

ପର୍ଯ୍ୟଟନ ମାନଚିତ୍ରରେ ଯାଜପୁରର ପରିଚୟ ସ୍ୱତନ୍ତ୍ର । ସେହି ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି ଓ ବିକାଶ ପାଇଁ ଯେଉଁ ପଦକ୍ଷେପ ଗ୍ରହଣ କରାଯାଇଛି ତାହା ଆଗାମୀ ଦିନରେ ଜିଲାକୁ ଏକ ସାଂସ୍କୃତିକ ଓ ପର୍ଯ୍ୟଟନ ପ୍ରାଣକେନ୍ଦ୍ରରେ ପରିଗଣିତ କରିବ ବୋଲି ରାଜନେତା ଓ ପ୍ରଶାସନିକ ଅଧିକାରୀମାନେ ବିଭିନ୍ନ ସମୟରେ କହି ଆସୁଛନ୍ତି । କିନ୍ତୁ ବିଡମ୍ବନା ଯେ, ଜିଲାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ବ୍ୟାସ ସରୋବରର ବିକାଶରେ ରାଜନୈତିକ ଆନ୍ତରିକତାର ଅଭାବ ଅନ୍ତରାୟ ସୃଷ୍ଟି କରିଛି । ୨୦୧୧ରେ ତତ୍କାଳୀନ ରାଷ୍ଟ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ଦ୍ୱାରା ବ୍ୟାସ ଜଗନ୍ନାଥ ଉଦ୍ୟାନ, ୨୦୧୩ରେ ତତ୍କାଳୀନ ବିଧାୟକ ପ୍ରୀତିରଞ୍ଜନ ଘଡେଇଙ୍କ ହାତରେ ବ୍ୟାସ ଜଗନ୍ନାଥ ଉଦ୍ୟାନର ନବୀକରଣ କାର୍ଯ୍ୟ ଓ ୨୦୧୬ରେ ଆକାଶ ଦାସନାୟକଙ୍କ ଦ୍ୱାରା ବ୍ୟାସ ସରୋବରର ଉନ୍ନତୀକରଣ କାମ ଶୁଭାରମ୍ଭ ପାଇଁ ଫଳକ ସ୍ଥାପନ ହୋଇଥିଲା । କିନ୍ତୁ କାର୍ଯ୍ୟରେ ନୁହେଁ ଫଳକରେ ଉନ୍ନତୀକରଣ ହୋଇଛି ବୋଲି ଏବେ ସହରବାସୀ କହୁଛନ୍ତି। ମ୍ୟୁନିସିପାଲିଟି ଫଣ୍ଡରୁ ସରୋବର ଖନନ କାମ ଆରମ୍ଭ ହୋଇଥିଲେ ହେଁ ତାହା ୩ ବର୍ଷ ହେଲା ଅଟକି ରହିଛି। ଏଭଳି ଅଧାପନ୍ତରିଆ କାର୍ଯ୍ୟ ଓ ସୌନ୍ଦର୍ଯ୍ୟକରଣକୁ ନେଇ ସହରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଜିଲାର ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀର ଆଶାନୁରୂପ ବିକାଶ ହେଉଥିବାବେଳେ ବ୍ୟାସ ସରୋବର କାହିଁକି ଅବହେଳିତ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ଏଥିଯୋଗୁ ପ୍ରାଚୀନ ଐତିହ୍ୟ ଏବଂ ପ୍ରାକୃତିକ ବିଭବ ବ୍ୟାସ ସରୋବରର ସୌନ୍ଦର୍ଯ୍ୟ ନଷ୍ଟ ହେବାକୁ ବସିଛି । ଏହାବାଦ୍ ଜିଲାର ଉଦୟଗିରି, ରତ୍ନଗିରି, ଲଳିତଗିରି, ଓଳାଶୁଣୀ, ଅଶୋକଝର ଭଳି ପ୍ରତିଷ୍ଠିତ ପର୍ଯ୍ୟଟନସ୍ଥଳୀର ବିକାଶ କେବଳ ପ୍ରତିଶ୍ରୁତିରେ ଅଟକିଛି ବୋଲି ମତ ପ୍ରକାଶ ପାଇଛି।

# ନୀଳାଚଳ କାରଖାନାରୁ ତମ୍ବା କଏଲ ଲୁଟ୍ ଉଦ୍ୟମ

- ସୁରକ୍ଷା କର୍ମୀଙ୍କ ସହ ଲୁଟେରା ମୁହାଁମୁହିଁ
- ୩ ରାଉଣ୍ଡ ଫାଙ୍କା ଗୁଳି ଚାଳନା

କଳିଙ୍ଗନଗର,୨୬।୮(ଡି.ଏନ.ଏ.)

କଳିଙ୍ଗନଗର ନୀଳାଚଳ ଇସ୍ପାତ୍ କାରଖାନାରୁ ଶନିବାର ସନ୍ଧ୍ୟାରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଏହାର ସୁଯୋଗ ନେଇ ବୁଧବାର ବିଳମ୍ବିତ ରାତିରେ କାରଖାନାର ସାରଙ୍ଗପୁର, ବାରଗାଡ଼ିଆ, ଗୋଡିଗୋଠ ଓ ନୂଆଗାଁ ସାଇଡରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଲୁଟେରା ମାରଣାସ୍ତ୍ର ଓ ବିଭିନ୍ନ ମେଶିନ ଧରି ପାଚେରି ଡେଇଁ କାରଖାନା ଭିତରକୁ ପଶିଥିଲେ। କାରଖାନା ପରିସରରେ ଥିବା ପ୍ରାୟ ୧୨ଟି ବିଦ୍ୟୁତ୍ ଟ୍ରାନ୍ସଫରମରକୁ କଟର ମେଶିନରେ କାଟି ଲକ୍ଷାଧିକ ଟଙ୍କାର ତମ୍ବା କଏଲ ଲୁଟି ନେବାକୁ ଉଦ୍ୟମ କରିଥିଲେ। ଏହି ସମୟରେ କାରଖାନା ସୁରକ୍ଷା ଦାୟିତ୍ୱରେ ଥିବା ଆସାଇନମେଣ୍ଟ ମ୍ୟାନେଜର ପ୍ରତାପ କୁମାର ସାମଲ ଓ ସୁପରଭାଇଜର ସନ୍ତୋଷ କୁମାର ଶୁଖୁଆ ଅନ୍ୟ କର୍ମଚାରୀଙ୍କ ସହ ପାଟ୍ରୋଲିଂ କରୁଥିଲେ। ଠିକ୍ ନୀଳାଚଳ ହାଉସ ପଛପଟେ ଲୁଟେରାଙ୍କ ସହ ସେମାନଙ୍କ ମୁହାଁମୁହିଁ ହୋଇଥିଲା । ଲୁଟେରାମାନେ ସୁରକ୍ଷା କର୍ମୀଙ୍କ ଉପରକୁ ଅତର୍କିତ ଆକ୍ରମଣ କରିବା ସହ ଟେକା-ପଥର ମାଡ଼ କରିଥିଲେ। ଏତିକିରେ କଥା ସରି ନ ଥିଲା। ଲୁଟେରାମାନେ ମାରଣାସ୍ତ୍ର ଧରି ସୁରକ୍ଷା କର୍ମୀଙ୍କୁ ଆକ୍ରମଣ କରିବାକୁ ଗୋଡାଇ ଥିଲେ। ଏମିତି ୪ ଘଣ୍ଟା ଧରି ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଶେଷରେ ଆକ୍ରମଣକାରୀଙ୍କୁ ଘଉଡ଼ାଇବା ପାଇଁ ସୁରକ୍ଷା କର୍ମୀମାନେ ୩ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରିଥିଲେ। ଏହାପରେ ଲୁଟେରାମାନେ ପାଚେରି ଡେଇଁ ପଳାଇଥିଲେ। ଘଟଣାସ୍ଥଳରୁ ଏକାଧିକ କଟର ମେଶିନ, ସ୍ଲାଇରେଞ୍ଚ, ପ୍ଲାସ୍ ଆଦି ଜବତ କରାଯାଇଛି। ଏ ସଂକ୍ରାନ୍ତରେ କାରଖାନା କର୍ତ୍ତୃପକ୍ଷ କଳିଙ୍ଗନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତନାଘନା ଚଳାଇଛି।

# ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ହେଉ


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

ଯାଜପୁର ଟାଉନ,୨୬।୮(ଡି.ଏନ.ଏ.)

ଯାଜପୁର ଜିଲା ଦଶରଥପୁର ତହସିଲ ଅଧୀନ ନରଣଗଛା ମୌଜାରେ କେତେଜଣ ବ୍ୟକ୍ତି ସରକାରୀ ଜମି ଜବରଦଖଲ କରିଛନ୍ତି। ତେଣୁ ଏହି ଜମିରୁ ଜବରଦଖଲ ଉଚ୍ଛେଦ କରି ଗ୍ରାମର ଉନ୍ନତିମୂଳକ କାର୍ଯ୍ୟରେ ଲଗାଇବା ପାଇଁ ଦାବି ହୋଇଛି। ଏନେଇ ଜିଲାପାଳଙ୍କୁ ଗୁରୁବାର ଗ୍ରାମବାସୀ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ସେମାନେ ଦର୍ଶାଇଛନ୍ତି, ଦଶରଥପୁର ବ୍ଲକ୍ ଆଖୁଆସାହି(ନରଣଗଛା)ଗ୍ରାମରେ ଥିବା ସରକାରୀ ଜମିକୁ ସେହି ଗ୍ରାମର ୩ଜଣ ବ୍ୟକ୍ତି ଜୋରଜବରଦସ୍ତ ଦଖଲ କରିଛନ୍ତି। ସେମାନେ ଯେଉଁ ସ୍ଥାନ ଦଖଲ କରିଛନ୍ତି ସେଠାରେ ଏକ ଅଙ୍ଗନୱାଡି ଗୃହ ନିର୍ମାଣ କରାଯିବା ପାଇଁ ତହସିଲ ପକ୍ଷରୁ ଚିହ୍ନଟ କରାଯାଇଥିଲା। ମାତ୍ର ଦଖଲକାରୀମାନେ ଏହି ଜମିକୁ ନ ଛାଡ଼ିବାରୁ ସେଠାରେ ଅଙ୍ଗନୱାଡି ଗୃହ ହୋଇ ପାରୁନାହିଁ। ସେଠାକୁ ରାସ୍ତା ମଧ ନିର୍ମାଣ କରାଯାଇପାରୁ ନାହିଁ। ଦଶରଥପୁର ବ୍ଲକ, ତହସିଲ ଓ ମଙ୍ଗଳପୁର ଥାନାରେ ଅଭିଯୋଗ କରାଯାଇଥିଲେ ମଧ ଦଖଲକାରୀ ଶୁଣୁନାହାନ୍ତି ବୋଲି ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ମନୋଜ କୁମାର ରାଉତ, ଅଭୟ କୁମାର ଦାସ, ଖୁଦିରାମ ରାଉତ, ନରେନ୍ଦ୍ର ମାଝୀ, ମଞ୍ଜୁଲତା ରାଉତ, ଉଗ୍ରସେନ୍ ରାଉତ, ପ୍ରଭାକର ନାଥ, ଅନ୍ନପୂର୍ଣ୍ଣା ବାରିକ, ଦୁର୍ଯ୍ୟୋଧନ ନାୟକ, ହିମାଦ୍ରିନାଥ ଶତପଥୀ ଓ ସ୍ୱର୍ଣ୍ଣପ୍ରଭା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ହାଇଲେଭଲ କେନାଲରୁ ଦଳ ସଫା କରିବାକୁ ଦାବି

ଧର୍ମଶାଳା,୨୬।୮(ଡି.ଏନ.ଏ.)

ବ୍ରିଟିଶ ଅମଳର ହାଇଲେଭଲ କେନାଲ ମାଧ୍ୟମରେ ଧର୍ମଶାଳା ବ୍ଲକ ଅଞ୍ଚଳରେ ଥିବା ଚାଷଜମିକୁ ଜଳସେଚିତ କରିବାର ବ୍ୟବସ୍ଥା କରାଯାଇଛି। କିନ୍ତୁ ନାକପୋଲ ଲକ୍‌ଠାରୁ ଜେନାପୁର ପର୍ଯ୍ୟନ୍ତ ଦୀର୍ଘ ୧୦ କିଲୋମିଟର ପର୍ଯ୍ୟନ୍ତ କେନାଲ ଚିଙ୍ଗୁଡ଼ିଆ ଓ କଳମି ଦଳରେ ପୋତି ହୋଇପଡ଼ିଛି। ଫଳରେ କେନାଲରେ ପାଣି ଆସିବା ଅସମ୍ଭବ ହୋଇପଡ଼ିଛି। ସୂଚନା ଅନୁଯାୟୀ, ହାଇଲେଭଲ କେନାଲରେ ଆସୁଥିବା ପାଣି ବିଭିନ୍ନ ଶାଖା କେନାଲ ମାଧ୍ୟମରେ ଚାଷଜମିକୁ ଜଳସେଚିତ କରାଯାଇଥାଏ। ହେଲେ ହାଇଲେଭୁଲ କେନାଲଟି ଦଳରେ ପୋତି ହୋଇଯାଇଥିବାରୁ ପାଣି ତଳମୁଣ୍ଡ ପର୍ଯ୍ୟନ୍ତ ଯାଇ ପାରୁନାହିଁ। ଲୋକେ ଜମିକୁ ଜଳସେଚନ କରିବାରୁ ବଞ୍ଚିତ ହେଉଛନ୍ତି। ଚଳିତ ବର୍ଷ ଭଲ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଥିଲା। ଯାହାକୁ ନେଇ ଚାଷୀ ପାଣିକୁ ଅପେକ୍ଷା ନ କରି ଜମିରେ ଧାନ ବିହନ ବୁଣି ଦେଇଥିଲେ। କିନ୍ତୁ ବର୍ଷା ନ ହେବାରୁ ଧାନ ମରୁଡ଼ି ହେବା ଆଶଙ୍କା ଦେଖାଦେଇଛି। ଚଳିତ ଥର ଜିଲାରେ ୫୦ ପ୍ରତିଶତ କମ୍ ବର୍ଷା ହୋଇଥିବା ରେକର୍ଡ କରାଯାଇଥିବା ବେଳେ ଧର୍ମଶାଳା ବ୍ଲକରେ ମଧ୍ୟ ୫୦ ପ୍ରତିଶତ କମ୍ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏବେ ପାଣି ଅଭାବ ଯୋଗୁ ଚାଷ କାମ ପ୍ରଭାବିତ ହୋଇଛି। ଶୀଘ୍ର ଏହି କେନାଲରୁ ଦଳ ସଫା କରି ଶେଷ ମୁଣ୍ଡ ପର୍ଯ୍ୟନ୍ତ ପାଣି ଛାଡ଼ିବାର ବ୍ୟବସ୍ଥା କରିବାକୁ ଦୁଃଶାସନ ରାଉତ, ଦୁର୍ଯ୍ୟୋଧନ ପ୍ରଧାନ ଓ ବେଣୁଧର ବେହେରା ପ୍ରମୁଖ ଚାଷୀ ଦାବି କରିଛନ୍ତି।

# ବରୀ ବିଜେଡିର ଆଇଟି କର୍ମଶାଳା


କର୍ମଶାଳାରେ ଯୋଗ ଦେଇଥିବା କର୍ମକର୍ତ୍ତା ଓ ଅନ୍ୟମାନେ।

ବରୀ,୨୬।୮(ଡି.ଏନ.ଏ.)

ବରୀ ବ୍ଲକ ବିଜେଡି ପକ୍ଷରୁ ସ୍ୱାଇଁଖେଣ୍ଡ ପଞ୍ଚାୟତସ୍ଥିତ କଲ୍ୟାଣମଣ୍ଡପଠାରେ ଏକ ଆଇଟି କର୍ମଶାଳା ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଧାୟିକା ସୁନନ୍ଦା ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ବୈଷୟିକ ଜ୍ଞାନ କୌଶଳର ବିନିଯୋଗ ପାଇଁ କର୍ମୀଙ୍କୁ କହିବା ସହ ପ୍ରତି ପଞ୍ଚାୟତର ୱାର୍ଡସ୍ତରରେ ବିଭିନ୍ନ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି କେଦାର ସାମଲ ସଭାପତିତ୍ୱ କରିଥିବାବେଳେ ଆଲମ ଅକ୍ତର ସଭା ପରିଚାଳନା କରିଥିଲେ। ରାଜ୍ୟ ବିଜେଡି ଆଇଟି ସେଲ୍ ସଂଯୋଜକ ସୁବ୍ରତ ଛାଟୋଇ, ସାଧାରଣ ସମ୍ପାଦକ ତାରିଣୀ ପ୍ରସାଦ ନାୟକ ଓ ଯାଜପୁର ଜିଲା ଆଇଟି ସେଲ ସମ୍ପାଦକ ଚନ୍ଦନ ଓଝା ଯୋଗଦେଇ ପଞ୍ଚାୟତ ଏବଂ ଜୋନ୍‌ସ୍ତରୀୟ ଡିଜିଟାଲ ସେକ୍ରେଟାରିଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଆଗାମୀ ଦିନରେ ଏହି ଆଇଟି ସେଲ୍ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ବାର୍ତ୍ତା ସାଧାରଣରେ ପହଞ୍ଚାଇବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଉପସ୍ଥିତ ବକ୍ତା ମତ ରଖିଥିଲେ। ବୀରେନ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ଲକ୍ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ଅଶୋକ ସାମଲ, ବିଜେଡି ମହିଳା ସଭାପତି ଜ୍ୟୋତ୍ସ୍ନାରାଣୀ ନାଥଶର୍ମା, ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି, ଛାତ୍ର ବିଜେଡି ସଭାପତି ସଦିଚ୍ଛା ସାମଲ, ବ୍ଲକ୍ ଯୁବ ବିଜେଡି ସଭାପତି ରଞ୍ଜନ ପଣ୍ଡା, ସରପଞ୍ଚ କିରଣବାଳା ଜେନା, ସନ୍ତୋଷ ସାମଲ, ଶରତ ଜେନା, ରମାକାନ୍ତ ମଲିକ ଓ ସମୀର ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚନମଣ୍ଡଳୀ ଆଇଟି ସଂଯୋଜକ ସୁମନ ଦାସ ଧନ୍ୟବାଦ ଦେଇଥିଲେ। ଏଥିରେ ସମସ୍ତ ପଞ୍ଚାୟତ ଓ ଜୋନସ୍ତରୀୟ ଡିଜିଟାଲ ସେକ୍ରେଟାରି, ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କଳାମାଟିଆ ଶହୀଦ ପୀଠକୁ ଜାତୀୟ ସ୍ମାରକୀ ଘୋଷଣା ଦାବି

ଯାଜପୁର ଟାଉନ,୨୬।୮(ଡି.ଏନ.ଏ.)


ଶହୀଦ ପୀଠରେ ଆୟୋଜିତ ସ୍ମୃତିସଭା।

ଭାରତଛାଡ଼ ଆନ୍ଦୋଳନରେ ରକ୍ତସ୍ୱାକ୍ଷର ବହନକାରୀ ବରୀର କଳାମାଟିଆ ଶହୀଦ ପୀଠକୁ ଜାତୀୟ ସ୍ମାରକୀ ଘୋଷଣା, ପୀଠରେ ଶହୀଦଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ପୀଠର ରକ୍ଷଣାବେକ୍ଷଣ, ଶହୀଦଙ୍କ ଜୀବନ ସଂଗ୍ରାମ ସମ୍ପର୍କିତ ବିଷୟ ବସ୍ତୁକୁ ପାଠ୍ୟ ପୁସ୍ତକରେ ସ୍ଥାନିତ ଓ ସମସ୍ତ ଶିକ୍ଷାନୁଷ୍ଠାନରେ ଏହି ଦିବସକୁ ଉପଯୁକ୍ତ ମର୍ଯ୍ୟାଦା ସହକାରେ ପାଳନ କରିବାକୁ ଦାବି ହୋଇଛି। ଏନେଇ ଅଲ୍‌ଇଣ୍ଡିଆ ଡିୱାଇଓ ଯାଜପୁର ଜିଲା କମିଟି ଉଦ୍ୟୋଗରେ କଳାମାଟିଆ ଶହୀଦ ପୀଠ ଅଭିମୁଖେ ଏକ ବାଇକ୍ ଶୋଭାଯାତ୍ରା କରାଯାଇଛି। ଶୋଭାଯାତ୍ରାକୁ ଶିକ୍ଷାବିତ୍ ବଳରାମ ପତି ଶହୀଦ ବେଦୀରେ ମାଲ୍ୟାର୍ପଣ କରି ତାଙ୍କର ଉଦ୍‌ଘାଟନୀ ବକ୍ତବ୍ୟ ରଖିଥିଲେ। ଶିବାଛକଠାରୁ ଶହୀଦ ପୀଠ ଉପଲକ୍ଷେ ବାହାରିଥିବା ଶୋଭାଯାତ୍ରାକୁ ବରୀ ମାଉଣ୍ଡଠାରେ ସେନା କର୍ମଚାରୀ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶୋଭାଯାତ୍ରାକାରୀଙ୍କ ପକ୍ଷରୁ ଶହୀଦ ପୀଠରେ ସଂଗଠନର ଜିଲା ସଭାପତି ଅଭିମନ୍ୟୁ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଶହୀଦ ସ୍ମୃତିସଭାରେ ମଦନମୋହନ ପତି, ଗୟାଧର ଦାସ, ବିଶ୍ୱନାଥ ତ୍ରିପାଠୀ, କୁଞ୍ଜବିହାର ଦାସ, ଏସୟୁସିଆଇ (କମ୍ୟୁନିଷ୍ଟ) ଯାଜପୁର ଜିଲା କମିଟି ସଭ୍ୟ ଅଜୟ ସାହୁ, ନିମାଇଁ ମଲ୍ଲିକ ଓ ମାନଗୋବିନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ସିଂହପୁର,୨୬।୮(ଡ.ଏନ.ଏ.)

ବିଞ୍ଝାରପୁର ଥାନା ଅଧୀନ ଚିଣା ପଞ୍ଚାୟତ ଶିଶିରଣା ଗ୍ରାମରେ ଗୁରୁବାର ଜଣେ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି। ସମ୍ପୃକ୍ତ ଯୁବକ ହେଲେ ଗ୍ରାମର ରାମ ମଲ୍ଲିକଙ୍କ ପୁଅ ଅଞ୍ଜନ ମଲ୍ଲିକ(୨୫)। ପାରିବାରିକ କଳହରୁ ଅଞ୍ଜନ ସ୍ଥାନୀୟ ଏକ ଜାମୁ ଗଛରେ ରଶି ଲଗାଇ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅଞ୍ଜନ ଆନ୍ଧ୍ରର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ କିଛି ମାସ ତଳେ ବିବାହ ପାଇଁ ଘରକୁ ଆସିଥିଲେ। ବିବାହ ପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବିଭିନ୍ନ ସମୟରେ କଳହ ଲାଗି ରହୁଥିଲା। କିଛି ଦିନ ହେବ ଅଞ୍ଜନ ତାଙ୍କ ସ୍ତ୍ରୀଙ୍କୁ ବାପଘରେ ଛାଡ଼ି ଆସିଥିଲେ। ତେବେ ସେ ସକାଳୁ ରଶି ଲଗାଇ ଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୩୪/୨୧ ରୁଜୁ ହୋଇଛି।

# ପ୍ରଧାନ ଶିକ୍ଷକଙ୍କ ଗିରଫ ଦାବିରେ ଧାରଣା

ସିଂହପୁର,୨୬।୮(ଡ.ଏନ.ଏ.)

ବିଞ୍ଝାରପୁର ବ୍ଲକ ଅଧୀନ ଫତେପୁର ପଞ୍ଚାୟତ ବରୁଣେଇ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ମାଡ଼ରେ ବୁଧବାର ଜଣେ ଛାତ୍ର ଗୁରୁତର ହୋଇଥିଲେ। ଏନେଇ ଗୁରୁବାର ସ୍ଥାନୀୟ ଲୋକେ ପ୍ରତିକ୍ରିୟାଶୀଳ ହୋଇଛନ୍ତି। ପ୍ରଧାନଶିକ୍ଷକଙ୍କ ଗିରଫ ଦାବିକରି ଛାତ୍ରଙ୍କ ପରିବାର ଓ କେତେଜଣ ସ୍ଥାନୀୟ ଲୋକେ ହୋହଲ୍ଲା କରିବା ସହିତ ଅନ୍ୟ ଶିକ୍ଷୟିତ୍ରୀ/ଶିକ୍ଷକଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକ ରଖି ସ୍କୁଲ ବାହାରେ ଧାରଣାରେ ବସିରହିଥିଲେ। ଫଳରେ ସେଠାରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଅପରାହ୍ନରେ ବିଦ୍ୟାଳୟ ପରିଚାଳନା କମିଟି ଓ ସ୍ଥାନୀୟ ସରପଞ୍ଚଙ୍କ ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଅନ୍ୟପକ୍ଷରେ ଆହତ ଛାତ୍ରଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଚାଲିଛି। ପ୍ରଧାନଶିକ୍ଷକ କାହିଁକି ଓ କେଉଁ ପରିସ୍ଥିତିରେ ଛାତ୍ରଙ୍କୁ ମାଡ଼ ମାରିଥିଲେ ଶିକ୍ଷା ବିଭାଗ ପକ୍ଷରୁ ଏହାର ତଦନ୍ତ କରିବାକୁ ଦାବି ହୋଇଛି।


ଛାତ୍ରଙ୍କ ପରିବାର ଓ ସ୍ଥାନୀୟ ଲୋକେ ବିଦ୍ୟାଳୟ ଆଗରେ ଧାରଣା ଦେଇଛନ୍ତି।

# ହସ୍ତାନ୍ତର ହୋଇପାରୁନି ଆଦର୍ଶ ବିଦ୍ୟାଳୟ

- ଚିଠିର ଉତ୍ତର ଦେଉନାହାନ୍ତି ବ୍ଲକ ଶିକ୍ଷାଧିକାରୀ
- ଜିଲାପାଳ ଦୃଷ୍ଟିଦେବାକୁ ଯନ୍ତ୍ରୀଙ୍କ ଅନୁରୋଧ

ଚଣ୍ଡିଖୋଲ,୨୬।୮(ଡି.ଏନ.ଏ.)



ବଡ଼ଚଣାଠାରେ ନିର୍ମାଣ ହୋଇଥିବା ଆଦର୍ଶ ବିଦ୍ୟାଳୟ କୋଠା।

ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନ ବଡ଼ଚଣାଠାରେ ଆଦର୍ଶ ବିଦ୍ୟାଳୟର ଗୃହ ଓ କ୍ୟାମ୍ପସ ନିର୍ମାଣ କରାଯାଇଛି। ଦୀର୍ଘ ୮ ମାସ ହେଲା ଏହି କାର୍ଯ୍ୟ ଶେଷ ହୋଇଛି। ହେଲେ ଏହା ଅଦ୍ୟାବଧି ଶିକ୍ଷା ବିଭାଗ ଅଧୀନକୁ ଯାଇ ପାରିନାହିଁ। ନିର୍ମାଣ କାର୍ଯ୍ୟ କରୁଥିବା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଶିକ୍ଷା ଅଧିକାରୀଙ୍କୁ ତିନି ତିନିଥର ପତ୍ର ଲେଖିଥିଲେ ମଧ କେଉଁ କାରଣ ପାଇଁ ଶିକ୍ଷା ବିଭାଗ ନିଜ ଅଧୀନକୁ ନେଉନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନା ଥାଉକି, ରାଜ୍ୟ ସରକାର ପ୍ରତ୍ୟକ ବ୍ଲକରେ ଗୋଟିଏ ଲେଖା ଆଦର୍ଶ ବିଦ୍ୟାଳୟ ସ୍ଥାପନା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଆଧାରରେ ୨୦୧୭ ଜାନୁୟାରୀରେ ବଡ଼ଚଣା ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ୫ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ଏହି ବିଦ୍ୟାଳୟ ଗୃହ, କାର୍ଯ୍ୟାଳୟ ଓ ଛାତ୍ରାବାସ ଇତ୍ୟାଦି ସମସ୍ତ କନଷ୍ଟ୍ରକ୍ସନ କାମ ଏକ ବର୍ଷ ମଧ୍ୟରେ ଶେଷ ହେବ ବୋଲି ଘୋଷଣା କରାଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଏହାର ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ କାର୍ଯ୍ୟ ଶେଷ ହେବାକୁ ୪ବର୍ଷ ସମୟ ଲାଗିଗଲା। ୨୦୨୦ ଡିସେମ୍ବର ୨୦ରେ କାର୍ଯ୍ୟ ଶେଷ କରାଯାଇ ହସ୍ତାନ୍ତର ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କୁ ବିଭାଗ ତରଫରୁ ଚିଠି କରାଯାଇଛି। ଏହା ମଧ୍ୟରେ ୮ମାସ ବିତିଯାଇଥିଲେ ବି ତାହା ହସ୍ତାନ୍ତର ହୋଇପାରିନି।

ଜାରକା ଗ୍ରାମ୍ୟ ଉନ୍ନୟନ ଡିଭିଜନ ନିର୍ବାହୀ ଯନ୍ତ୍ରୀ ଅଗଷ୍ଟ ୭ରେ ପତ୍ର ସଂଖ୍ୟା ୨୬୪୫ରେ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି କି, ବାରମ୍ବାର ପତ୍ର ଦେବା ସତ୍ତ୍ୱେ ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଦାୟିତ୍ୱରେ ଥିବା ବ୍ଲକ ଶିକ୍ଷାଧିକାରୀ ଏ ପର୍ଯ୍ୟନ୍ତ ବିଦ୍ୟାଳୟର ନୂତନ କୋଠାକୁ ଗ୍ରହଣ କରୁନାହାନ୍ତି। ସେ ତାଙ୍କ ପତ୍ରରେ ଦର୍ଶାଇଛନ୍ତି, ଦ୍ୱିତୀୟବାର ୧୬।୬।୨୧ରେ ପତ୍ର ସଂଖ୍ୟା ୨୦୮୪ ଓ ୧୩।୭।୨୧ରେ ପତ୍ର ସଂଖ୍ୟା ୨୩୨୬ରେ ଅନୁରୋଧ କରାଯାଇଥିଲେ ମଧ ବ୍ଲକ ଶିକ୍ଷାଧିକାରୀ ଆଦର୍ଶ ବିଦ୍ୟାଳୟକୁ ତାଙ୍କ ଅଧୀନକୁ ନେଉନାହାନ୍ତି। ଯଦି ସେ ବିଦ୍ୟାଳୟ କ୍ୟାମ୍ପସକୁ ନ ନିଅନ୍ତି ଏହା ଦୀର୍ଘଦିନ ପଡ଼ି ରହିଲେ ଆମ୍ଭେ ମରାମତି କରିପାରିବୁ ନାହିଁ। ଗତ ମାସ ୩୦ ତାରିଖରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଚଣ୍ଡିଖୋଲ ସବଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଳସୀ ପାତ୍ର ଏବଂ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇ ମିଳିତ ଭାବେ କ୍ଷେତ୍ର ପରିଦର୍ଶନ କରିଥିଲେ। ଏଥିନେଇ ଜାରକା ଡିଭିଜନର ନିର୍ବାହୀ ଯନ୍ତ୍ରୀ ଯାଜପୁର ଜିଲାପାଳ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀଙ୍କୁ ଚିଠି ଲେଖି ଏ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ଲାଗି ବଡ଼ଚଣା ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ କୌଣସି ଉତ୍ତର ଦେଇ ନ ଥିଲେ।

## ରିଟେଲରଙ୍କୁ ପକ୍ଷ ରଖିବାକୁ ନୋଟିସ

ବରୀ,(ଡି.ଏନ.ଏ.): ବରୀ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ରିଟେଲର ହିତାଧିକାରୀଙ୍କ ନିୟମ ମୁତାବକ ରାଶନ ସାମଗ୍ରୀ ବଣ୍ଟନ କରୁ ନ ଥିବା ଅଭିଯୋଗ ହେଉଥିଲା। ସେହିପରି ବ୍ଲକ ଅଧୀନ ଅରଙ୍ଗାବାଦ ପଞ୍ଚାୟତର ରିଟେଲର ପ୍ରଦୀପ କୁମାର ଦାସ ପ୍ରତିମାସ ରାଶନ ସାମଗ୍ରୀ ଓ କିରୋସିନ ଉଠାଣ କରି ଏହାକୁ ହିତାଧିକାରୀଙ୍କୁ ନିର୍ଦ୍ଦିଷ୍ଟ ସମୟରେ ଆବଣ୍ଟନ କରୁ ନ ଥିଲେ। ତାଙ୍କ ବିରୋଧରେ ଗ୍ରାମବାସୀ ଯାଜପୁର ଜିଲାପାଳ, ବରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ପ୍ରଶାସନ ପକ୍ଷରୁ ତଦନ୍ତ କରାଯିବା ପରେ ୭ ଦିନ ମଧ୍ୟରେ ସମ୍ପୃକ୍ତ ରିଟେଲରଙ୍କୁ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ତାଙ୍କୁ ରାଶନ ଉଠାଣରେ ରୋକ୍ ଲଗାଯାଇଛି। ଏ ସମ୍ପର୍କରେ ସମ୍ପୃକ୍ତ ରିଟେଲରଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

### ସଂକ୍ଷେପରେ

## ନବକୃଷ୍ଣ ଜୟନ୍ତୀ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା

ଜଗତ୍‌ସିଂହପୁର ଅଫିସ,୨୬।୮: ଆସନ୍ତା ନଭେମ୍ବର ୨୩ ତାରିଖରେ ବରଗଡ଼ ଜିଲାରୁ ପ୍ରକାଶିତ ପାକ୍ଷିକ ପତ୍ରିକା କୋଶଳ ଟାଇମ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ୧୨୦ତମ ଜୟନ୍ତୀ ଭୁବନେଶ୍ୱରରେ ପାଳିତ ହେବ। ଏନେଇ ତାଙ୍କ ଜନ୍ମ ମାଟି ଜଗତ୍‌ସିଂହପୁର ଜିଲାରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନଲାଇନ୍ ମାଧ୍ୟମରେ ସ୍ୱର୍ଗତ ଚୌଧୁରୀଙ୍କ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କୋଶଳ ଟାଇମର ସମ୍ପାଦକ ସଞ୍ଜିବ ମହାପାତ୍ର, ସ୍ୱର୍ଗତ ଚୌଧୁରୀଙ୍କ ପୁତୁରା ଦେବୀପ୍ରସାଦ ଚୌଧୁରୀ ଓ ନବକୃଷ୍ଣଙ୍କ ଉପରେ ଗବେଷଣା କରିଥିବା ଅଧ୍ୟାପକ ଡ. ଶୁଭ୍ରାଂଶୁ ପଟ୍ଟନାୟକ ପ୍ରମୁଖ ବିଭିନ୍ନ ବିଦ୍ୟାଳୟରେ ପହଞ୍ଚି ଚୌଧୁରୀଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସେମାନେ ଜଗତ୍‌ସିଂହପୁରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଏସ୍‌କେ ଏକାଡେମୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବୃନ୍ଦାବନ ବିଦ୍ୟାପୀଠ, ପୁରୋହିତପୁର ଉଚ୍ଚବିଦ୍ୟାଳୟ ସମେତ ନରେନ୍ଦ୍ରନାଥ ବିଦ୍ୟାପୀଠ, କନକପୁରର ଶାରଦା ଏକାଡେମୀ ଓ ତରିକୁନ୍ଦ ଉଚ୍ଚ ବିଦ୍ୟାଳୟ ଆଦି ଗସ୍ତ କରିଥିଲେ।

## ନୂତନ କର୍ମକର୍ତ୍ତାଙ୍କୁ ରାଜସ୍ୱ ବୋର୍ଡର ସ୍ୱୀକୃତି

### ପାରାଦୀପ ଫୋର ଟି ସଂଘ

ପାରାଦୀପ,୨୬।୮(ସ୍ୱ.ପ୍ର.): ପାରାଦୀପରେ ଫୋର ଟି (ଟ୍ରଲର, ଟିପ୍ପର, ଟ୍ୟାଙ୍କ ଲରୀ, ଟ୍ରକ୍) ମାଲିକ ସଂଘର ନୂତନ କର୍ମକର୍ତ୍ତା ଟିମକୁ ଓଡିଶା ରାଜସ୍ୱ ବୋର୍ଡ କଟକ ପକ୍ଷରୁ ସ୍ୱୀକୃତି ମିଳିଛି ବୋଲି ଚିଠି (ନଂ ୪୧୨୫/୨୪।୮।୨୧)ରେ କୁହାଯାଇଛି। ନୂତନ କର୍ମକର୍ତ୍ତା ହେଲେ, ସଭାପତି ସେକ୍ ବସିର ଅଲ୍ଲୀ, ଉପସଭାପତି ରବୀନ୍ଦ୍ରନାଥ ବସ୍ତିଆ, ସଞ୍ଜୟ ଦାସ, ସମ୍ପାଦକ ଜଗନ୍ନାଥ ପରିଜା, ଯୁଗ୍ମ ସମ୍ପାଦକ ରବିନ ପ୍ରିତମ ଓ ସଞ୍ଜୟ ସ୍ୱାଇଁ। ଏ ନେଇ ସଂଘ ପକ୍ଷରୁ ଦୋଛକିଠାରେ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଛି। ସଂଘର ସଭାପତି ସେକ୍ ବସିରଅଲ୍ଲୀ ଓ ସମ୍ପାଦକ ପରିଜାଙ୍କ ସୂଚନା ଅନୁସାରେ, ଏହି ସଂଘ ୨୬ ମାର୍ଚ୍ଚ ୨୦୧୮ରେ ପଞ୍ଜୀକୃତ ହୋଇଥିଲା। ୨୪ ନଭେମ୍ବର ୨୦୧୯ରେ ସଭାପତି ଶଶିକାନ୍ତ ହାତୀଙ୍କ କରୋନାରେ ପରଲୋକ ଘଟିଥିଲା। ପରେ ସମ୍ପାଦକ ବାମଦେବ ସାହୁ ସଂଘର ଶାସନ ବ୍ୟବସ୍ଥାକୁ କ୍ଷତି ପହଞ୍ଚାଇବାରୁ ଚଳିତବର୍ଷ ମେ ୩ ରେ ସାଧାରଣ ବୈଠକ ବସି ତାଙ୍କୁ ପଦରୁ ବହିଷ୍କୃତ କରାଯାଇଥିଲା। ଏହାକୁ ବାମଦେବ ସ୍ୱୀକାର କରି ନ ଥିଲେ। ଏ ନେଇ ହାଇକୋର୍ଟରେ ମାମଲା ହୋଇଥିଲା। ପରେ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜସ୍ୱ ବୋର୍ଡ ନୂତନ କର୍ମକର୍ତ୍ତାଙ୍କୁ ସ୍ୱୀକୃତି ଦିଆଯାଇଛି ବୋଲି ପରିଜା କହିଥିଲେ। ଏ ସମ୍ପର୍କରେ ବାମଦେବ କୁହନ୍ତି, ରାଜସ୍ୱ ବୋର୍ଡରୁ ମୋତେ ଲିଗାଲ ନୋଟିସ ମିଳିନାହିଁ। ପାଇବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ୭ ହାଇୱା, ୨ ଟ୍ରାକ୍ଟରରୁ ଜରିମାନା

ଚମ୍ପୁଆ,୨୬।୮(ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ତହସିଲପକ୍ଷରୁ ଚୋରା ଲଘୁଖଣିଜ ପରିବହନ ଉପରେ ଜୋରଦାର ଚଢ଼ାଉ ଆରମ୍ଭ କରାଯାଇଛି। ଚମ୍ପୁଆ ତହସିଲଦାରଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାଏକ, ରାଜସ୍ୱ ନିରୀକ୍ଷକ ସୁଧାକର ସେଠୀ ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇ ସପ୍ତାହକ ମଧ୍ୟରେ ୭ଟି ହାଇୱା ଓ ୨ଟି ଟ୍ରାକ୍ଟର ଗାଡି ଜବତ କରିବା ସହିତ ଲକ୍ଷାଧିକ ଟଙ୍କାର ଫାଇନ ଆଦାୟ କରିଛନ୍ତି।

# ରାସ୍ତା ଶୋଚନୀୟ, ପ୍ରଶାସନର ନିଘା ନାହିଁ

- ନୂଆଗଡ଼ ମଜୁରାଇ ୬ ନଂ.ୱାର୍ଡ ଗ୍ରାମ୍ୟରାସ୍ତା
- ନିଜ ଖର୍ଚ୍ଚରେ ବାଲି ପକାଇ ଯାତାୟାତ କରୁଛନ୍ତି
- ଗାଁ ଭିତରକୁ ଆସିପାରୁନି ଆମ୍ବୁଲାନ୍ସ
- କାଦୁଅରେ ପଶି ସ୍କୁଲ୍ ଯାଉଛନ୍ତି ଛାତ୍ରୀଛାତ୍ର

ରଘୁନାଥପୁର,୨୬।୮(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ରେଢୁଆ ପଞ୍ଚାୟତ ଅନ୍ତର୍ଗତ ନୂଆଗଡ଼ ମଜୁରାଇ ୬ ନଂ. ୱାର୍ଡରେ ଦୀର୍ଘ ୧ କି.ମି. ପର୍ଯ୍ୟନ୍ତ ଗ୍ରାମ୍ୟ ରାସ୍ତାଅବସ୍ଥା ଶୋଚନୀୟ ହୋଇପଡ଼ିଛି। ମାଟି କାଦୁଅ ରାସ୍ତାରେ ନିଜ ଉଦ୍ୟମରେ ବାଲି ପକାଇ ଯାତାୟାତ କରୁଛନ୍ତି ଲୋକେ।

ପୂର୍ବତନ ବାଚସ୍ପତି ଯୁଧିଷ୍ଠିର ଦାଶଙ୍କ ସମୟରେ ମହରମ ବାଲି ପକାଇ ରାସ୍ତା କାର୍ଯ୍ୟ ହୋଇଥିଲା। ସେଦିନ ଠାରୁ ଏପର୍ଯ୍ୟନ୍ତ ରାସ୍ତା ମରାମତି ହୋଇନାହିଁ। ଏନେଇ ପଞ୍ଚାୟତଠାରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ ହୋଇଆସୁଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନ କିମ୍ବା ଜନପ୍ରତିନିଧି କାହାର ଆନ୍ତରିକତା ପ୍ରକାଶ ପାଉନାହିଁ। ଏଠାରେ ବସବାସ କରୁଥିବା ୪୦ରୁ ଊର୍ଦ୍ଧ୍ୱ ପରିବାର ଯାତାୟତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ବର୍ଷା ଦିନେ ରାସ୍ତାରେ ପାଣି ଜମି କାଦୁଅ ହୋଇଯାଉଥିବାରୁ ଅଧିକ ଅସୁବିଧା ହେଉଛି। ଏପରିକି ଗ୍ରାମ ଭିତରକୁ ଆମ୍ବୁଲାନ୍ସ ଆସି ପାରୁ ନ ଥିବା ବେଳେ ଛୋଟ ପିଲାମାନଙ୍କୁ କାଦୁଅ ପାଣିରେ ସ୍କୁଲ ଯିବାକୁ ପଡୁଛି। ନୂତନ ରାସ୍ତା ନିର୍ମାଣ ପାଇଁ ନିର୍ବାଚନ ସମୟରେ ନେତା ଓ ମନ୍ତ୍ରୀମାନେ ଅନେକ ପ୍ରତିଶ୍ରୁତି ଦେଇଛନ୍ତି। ମାତ୍ର ଦୀର୍ଘ ୨୦ ବର୍ଷ ପରେ ତାହା କାର୍ଯ୍ୟରେ ରୂପାନ୍ତରିତ ହୋଇପାରି ନାହିଁ ବୋଲି ଗ୍ରାମବାସୀ କ୍ଷୋଭର ସହ କହିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆ ନ ଗଲେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଉଚିତ୍ ଜବାବ ଦିଆଯିବ ବୋଲି ବଟକୃଷ୍ଣ ମଲ୍ଲିକ, ବନବିହାରି ସାମଲ, ଚନ୍ଦ୍ରମଣି ନାୟକ, ମିନତୀ ମଲ୍ଲିକ, ପ୍ରତିମା ସାମଲ, ମିନତୀ ସାମଲ ଓ ଗୁରି ମଲ୍ଲିକ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ଜିତେନ୍ଦ୍ର କୁମାର ନାୟକ କୁହନ୍ତି, ମୋ ପାଖରେ ଏପର୍ଯ୍ୟନ୍ତ କୌଣସି ଅଭିଯୋଗ ହୋଇନାହିଁ ରାସ୍ତା ଅବସ୍ଥା ଦେଖିବା ପରେ ଏନେଇ ଆଗାମୀ ପଦକ୍ଷେପ ନିଆଯିବ।


ରାସ୍ତା କାଦୁଅରେ ପରିପୂର୍ଣ୍ଣ।

# ୨ କନିଷ୍ଠ ଯନ୍ତ୍ରୀଙ୍କୁ ନେଇ ଚାଲିଛି ନାଉଗାଁ ବ୍ଲକ

- ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ
- ପଦୋନ୍ନତି ପାଇ ଚାଲିଯାଇଛନ୍ତି ୨ ଯନ୍ତ୍ରୀ

ନାଉଗାଁ,୨୬।୮(ସ୍ୱ.ପ୍ର)

୧୬ ପଞ୍ଚାୟତକୁ ନେଇ ନାଉଗାଁ ପଞ୍ଚାୟତ ସମିତି ଗଠିତ। ଏସବୁ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିବା ପାଇଁ ନାଉଗାଁ ବ୍ଲକ କାର୍ଯ୍ୟାଳୟରେ ୪ ଜଣ କନିଷ୍ଠଯନ୍ତ୍ରୀ ନିଯୁକ୍ତ ପାଇଥିଲେ। କିନ୍ତୁ ୨ ମାସ ହେବ ୨ କନିଷ୍ଠଯନ୍ତ୍ରୀ ପଦନ୍ନୋତି ପାଇ ଚାଲିଯିବା ପରେ ବ୍ଲକରେ ଆଉ ୨ ଜଣ କନିଷ୍ଠଯନ୍ତ୍ରୀ ରହିଛନ୍ତି। ଯାହା ଫଳରେ ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ଉପୁଜିଛି।

ପୂର୍ବରୁ ବ୍ଲକ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀମାନେ ହେଲେ ସୁଶାନ୍ତ ରାଉତ, ଶାରଦା ପ୍ରସନ୍ନ ସ୍ୱାଇଁ, ସ୍ମୃତି ରଞ୍ଜନ ନାୟକ,ସରୋଜ କୁମାର ସ୍ୱାଇଁ। ପ୍ରତ୍ୟେକ ଯନ୍ତ୍ରୀ ୪ ଟି ଲେଖାଏ ପଞ୍ଚାୟତ ଦାୟିତ୍ୱରେଥିଲେ। ସେମାନେ ଆବାସ ଯୋଜନା, ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ହେଉଥିବା ପ୍ରକଳ୍ପ ସମେତ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରୁଥିଲେ। ଜୁନ ୨୦୨୧ରେ ସୁଶାନ୍ତ ପଦୋନ୍ନତି ପାଇ ସହକାରୀ ଯନ୍ତ୍ରୀ ଭାବେ ଜଗତସିଂହପୁର ବ୍ଲକ ଓ ସରୋଜ ସହକାରୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଁ ବାଲିକୁଦା ବ୍ଲକକୁ ସ୍ଥାନାନ୍ତର ହୋଇଛନ୍ତି। ଏବେ କେବଳ ୨ ଜଣ ଯନ୍ତ୍ରୀ ୧୬ ପଞ୍ଚାୟତ ଦାୟିତ୍ୱରେ ଅଛନ୍ତି। ଅପରପକ୍ଷେ ଏପର୍ଯ୍ୟନ୍ତ ଖାଲିପଡ଼ିଥିବା ପଦବୀ ପୂରଣ କରାଯାଇନାହିଁ। ଫଳରେ ଉନ୍ନୟନମୂଳକ କାର୍ଯ୍ୟ ଠିକ୍‌ଭାବେ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ଅନେକ ପଞ୍ଚାୟତରେ ବିଦ୍ୟାଳୟ ଗୃହ ମରାମତି, କମ୍ୟୁନିଟି ସେଣ୍ଟର, କଂକ୍ରିଟ୍ ରାସ୍ତା ଅଧାପନ୍ତରିଆ ହୋଇ ପଡି ରହିଛି। ଆଉ କେତେକ ପଞ୍ଚାୟତରେ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଲ୍ ହୋଇପାରୁ ନାହିଁ। ଏ ବିଷୟରେ ବିଡିଓ ରଶ୍ମିରେଖା ମଲିକ କୁହନ୍ତି, ଏପର୍ଯ୍ୟନ୍ତ କୌଣସି ଯନ୍ତ୍ରୀ ଆସିବା ପାଇଁ ନିର୍ଦ୍ଦେଶ ଆସିନାହିଁ, ଏସମ୍ପର୍କରେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଯାଇଛି ବୋଲି ସେ କହିଛନ୍ତି। ସ୍ଥାନାନ୍ତର ହୋଇଥିବା ଯନ୍ତ୍ରୀଙ୍କ ବଦଳରେ ନୂତନ ଯନ୍ତ୍ରୀ ଯୋଗଦେବା ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦା ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।


ନାଉଗାଁ ବ୍ଲକ କାର୍ଯ୍ୟାଳୟ।

# ସଂସାରଫଳ ପଞ୍ଚାୟତରେ କଂଗ୍ରେସ ସମ୍ମିଳନୀ

ପଟ୍ଟାମୁଣ୍ଡାଇ,୨୬।୮(ସ୍ୱ.ପ୍ର.)

ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଛି। ନିର୍ବାଚନ ଉଷ୍ମତା ଧୀରେ ଧୀରେ ଗାଁ ଗହଳିରେ ବାରି ହୋଇପଡିଲାଣି। ସବୁ ରାଜନୈତିକ ଦଳ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାକ୍ ପ୍ରସ୍ତୁତି ପର୍ବ ଆରମ୍ଭ କରିଦେଲେଣି। ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସଂସାରଫଳ ପଞ୍ଚାୟତରେ କଂଗ୍ରେସ ପକ୍ଷରୁ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂସାରଫଳ ମା' ତାରିଣୀ ମନ୍ଦିର ପରିସରରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ସଭାପତି ମଳୟ ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଥିଲେ, ଆଗାମୀ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ଲୋକଙ୍କ ସେବା ପାଇଁ କାମ କରିବାକୁ ସଂକଳ୍ପ ନେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି ପ୍ରଦୀପ ପ୍ରଧାନ, ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ କମିଟି ସଭାପତି ଅମୂଲ୍ୟ ପ୍ରଧାନ, ପୂର୍ବତନ ବ୍ଲକ ସଭାପତି ଯଦୁମଣି ଦାସ ପ୍ରମୁଖ ଯୋଗ ଦେଇଥିଲେ। ସଂସାରଫଳ ସରପଞ୍ଚ ମିନତି ପାତ୍ର କର୍ମୀ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଯୁବନେତା ବିକାଶ ପାତ୍ରଙ୍କୁ ପଞ୍ଚାୟତ ସଭାପତି ଭାବେ ନିର୍ବାଚିତ କରାଯାଇଥିଲା। ପାତ୍ର ପଞ୍ଚାୟତରେ ବିକାଶମୂଳକ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ସହ କଂଗ୍ରେସ କର୍ମୀମାନଙ୍କୁ ସଙ୍ଗଠିତ କରି କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମିଳନୀରେ ସଂସାରଫଳ, ଗୁଣ୍ଡି, ଅଢାଡେଙ୍ଗିଆ, ମଦନପୁର, ସିଂହପ୍ରହର, ସୁରନ୍ଦ୍ରପଡା ପ୍ରଭୃତି ଗାଁର ଶତାଧିକ କର୍ମୀ ଯୋଗ ଦେଇଥିଲେ। ବରିଷ୍ଠ କଂଗ୍ରେସ ନେତା ନିମାଇଁ ଚରଣ କର ଧନ୍ୟବାଦ ଦେଇଥିଲେ।


ସମ୍ମିଳନୀରେ ଉପସ୍ଥିତ କଂଗ୍ରେସର କର୍ମକର୍ତ୍ତାମାନେ।

# ରାଜ୍ୟସ୍ତରୀୟ କୃତୀ ପ୍ରତିଯୋଗୀ ପୁରସ୍କୃତ


ଜିଲାପାଳ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

ଜଗତ୍‌ସିଂହପୁର ଅଫିସ, ୨୬।୮

ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ପାଳନ ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଜଗତ୍‌ସିଂହପୁର ଜିଲାର ୨ ଜଣ ଛାତ୍ରୀ କୃତୀତ୍ୱ ହାସଲ କରିଛନ୍ତି । ବରିଷ୍ଠ ବର୍ଗ ବକ୍ତୃତା ପ୍ରତିଯୋଗିତାରେ ଜଗତ୍‌ସିଂହପୁର କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀ ଅବିସ୍ମରା ମିଶ୍ର ପ୍ରଥମ ଓ କନିଷ୍ଠ ବର୍ଗ କବିତା ଆବୃତ୍ତିରେ ଦୀପଶିଖା ମିଶ୍ର ତୃତୀୟ ସ୍ଥାନ ହାସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି । ସେମାନଙ୍କୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସମ୍ମାନିତ କରିବା ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଉଭୟଙ୍କୁ ଏକାଡେମୀ ଦ୍ୱାରା ପ୍ରଦତ୍ତ ମାନପତ୍ର, ପ୍ରମାଣପତ୍ର ସହ ଅବିସ୍ମରାଙ୍କୁ ୨ ହଜାର ଟଙ୍କା ଓ ଦୀପଶିଖାଙ୍କୁ ୧ ହଜାର ଟଙ୍କାର ଚେକ୍ ଦିଆଯାଇଥିଲା। ଅନ୍ୟପଟେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ୪ ଜଣ ଦୃଷ୍ଟିବାଧିକ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ଜିଲାପାଳ ଲାପଟପ୍ ପ୍ରଦାନ କରିଥିଲେ । ଏହି କ୍ରମରେ ଶୈଳବାଳା ମହିଳା ମହାବିଦ୍ୟାଳୟ ଯୁକ୍ତ ୨ କଳାରେ ପଢୁଥିବା ତଥା ଏରସମା ବ୍ଲକ ଢିଙ୍କିଆ ପଞ୍ଚାୟତ ଅନ୍ତର୍ଗତ ତ୍ରିଲୋଚନପୁର ଗ୍ରାମର ଦୃଷ୍ଟିବାଧିତ ଛାତ୍ରୀ ଝୁନୁଦାସ, ସ୍ଥାନୀୟ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ୩ କଳା ଛାତ୍ର ତଥା ଜଗତ୍‌ସିଂହପୁର ବ୍ଲକ ମଣ୍ଡାସାହି ଗ୍ରାମର ଯଶୋବନ୍ତ ଭୋଇ, ଏହି ମହାବିଦ୍ୟାଳୟ ଯୁକ୍ତ୩ କଳା ଛାତ୍ର ତଥା ବାଲିକୁଦା ବ୍ଲକ ଚଷାପଡ଼ା ଗ୍ରାମର ତ୍ରିନାଥ ପରିଡ଼ା ଏବଂ ଓଡ଼ିଆରେ ସ୍ନାତକୋତ୍ତର ଶିକ୍ଷାଲାଭ କରୁଥିବା ଛାତ୍ର ତଥା କୁଜଙ୍ଗ ବ୍ଲକ ଚକ୍ରଧରପୁର ଗ୍ରାମର ଜ୍ଞାନ ରଞ୍ଜନ ଦଳାଇଙ୍କୁ ଲାପଟପ୍ ଦିଆଯାଇଥିଲା। ଏହି ସମୟରେ ଜିଲା ସଂସ୍କୃତି ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର ମୋହନ ଦାସ, ଜିଲାପାଳଙ୍କ ଓଏସ୍‌ଡି ଡା. ଶଶାଙ୍କ ଶେଖର ଲେଙ୍କା ଓ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍

# ୧୨ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

### ଦିନକ ପୂର୍ବରୁ ୩୨.୨୪ ଗ୍ରାମ ଜବତ ହୋଇଥିଲା

ଜଗତ୍‌ସିଂହପୁର ଅଫିସ, ୨୬।୮

ତିର୍ତ୍ତୋଲ ଥାନା ଅଞ୍ଚଳରୁ ଗୁରୁବାର ୧୨ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି । ଏନେଇ ପୋଲିସ ମାମଲା (ନଂ.୩୫୯/୨୧) ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏରସମା ଥାନା ଅନ୍ତର୍ଗତ ପଞ୍ଚପଲ୍ଲୀ ନାରଦିଆର ଜଗନ୍ନାଥ ମହାନ୍ତି ଓରଫ ଜଗା ଓ ତିର୍ତ୍ତୋଲ ଥାନା ଅଧିନ ରାହାମା କହ୍ନେଇପୋଖରୀ ଗ୍ରାମର ଦିବ୍ୟରଞ୍ଜନ ସ୍ୱାଇଁ ଓରଫ ଗୁରୁ । ସେହିପରି ବୁଧବାର ଜିଲାର ୨ ସ୍ଥାନରେ ପୃଥକ ଭାବେ ଚଢାଉ କରାଯାଇ ୩୨.୨୪ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଥିଲା। ସେଥିରୁ ପାରାଦୀପ ଲକ୍ ଥାନା ଅଞ୍ଚଳରୁ ୧୦ ଗ୍ରାମ ଜବତ ହୋଇଥିଲା। ଏହା ଉପରେ ପୋଲିସ ମାମଲା (ନଂ.୨୧୬/୨୧) ରୁଜୁ କରି ଭୁତମୁଣ୍ଡାଇର ପ୍ରବଚନ ସେଠୀଙ୍କୁ ଗିରଫ କରିଥିଲା । ସେହିପରି ଜଗତ୍‌ସିଂହପୁର ଥାନା ଅଞ୍ଚଳରୁ ୨୨.୨୪ ଗ୍ରାମ ବ୍ରାଉନ ସୁଗାର ଜବତ ହେବାସହ ସ୍ଥାନୀୟ ବଡ଼ବାଗର ରାମଚନ୍ଦ୍ର ସାହୁ ଓରଫ ରାମଙ୍କୁ ଗିରଫ କରାଯାଇଥିଲା।

# ଆକ୍ରମଣରେ ଭାଜପା ନେତା ଗୁରୁତର

ପଟ୍ଟାମୁଣ୍ଡାଇ,୨୬।୮(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳ ସଂସାରଫଳ ଗାଁରେ ବୁଧବାର ଜଣେ ଯୁବକଙ୍କ ଆକ୍ରମଣରେ କେନ୍ଦ୍ରାପଡ଼ା ଜିଲା ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ଗଣେଶ୍ୱର ଦାସ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି। ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଗଣେଶ୍ୱରଙ୍କ ଉପରେ ଆକ୍ରମଣ ଘଟଣାକୁ ନେଇ ଝିଅ ସ୍ମୃତିଶ୍ରୀଙ୍କ ଏତଲା ଆଧାରରେ ପୋଲିସ ଦଫା ୩୪୧, ୨୯୪, ୩୨୩, ୩୨୫, ୩୦୭, ୩୫୪, ୫୦୯ ଓ ୫୦୬ରେ ନଂ. ୪୯୦/୨୧ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଆକ୍ରମଣ କରିଥିବା ଯୁବକ ଫେରାର ହୋଇଯାଇଥିବାରୁ ପୋଲିସ ଗିରଫ କରି ପାରିନାହିଁ। ପ୍ରକାଶ ଯେ, ଜିଲା ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ଗଣେଶ୍ୱର ବୁଧବାର ରାତି ୯ଟାରେ ସଂସାରଫଳସ୍ଥିତ ତାଙ୍କ ବାସଭବନ ନିକଟରେ ଥିବା ଅନ୍ୟ ଏକ ଘରକୁ ଶୋଇବାକୁ ଯାଉଥିଲେ। ଏହି ସମୟରେ ଗ୍ରାମର ଶୁଭାଶିଷ ପ୍ରଧାନ ତାଙ୍କ ଅତର୍କିତ କାଠ ଫାଳିଆରେ ଆକ୍ରମଣ କରି ମୁଣ୍ଡକୁ ଫଟେଇ ଦେଇଥିଲେ। ସେ ତଳେ ପଡିଯିବା ପରେ ତାଙ୍କ ବାମ ହାତକୁ ବାଡେଇବା ଫଳରେ ହାତର ହାଡ ଭାଙ୍ଗି ଯାଇଥିବାବେଳେ ବାମ ଗୋଡରେ ମଧ୍ୟ ଶକ୍ତ ଆଘାତ ଲାଗିଥିଲା। ତାଙ୍କ ଚିତ୍କାର ଶୁଣି ତାଙ୍କ ସ୍ତ୍ରୀ ଓ ସାନ ଝିଅ ଦୌଡି ଆସିବାରୁ ଅଭିଯୁକ୍ତ ତାଙ୍କୁ ମଧ୍ୟ ମାଡ ମାରି ଟଣାଓଟରା କରିଥିବା ଅଭିଯୋଗ ହୋଇଛି। ଗୁରୁତର ଆହତ ଅବସ୍ଥାରେ ଗଣେଶ୍ୱରଙ୍କୁ ପଟ୍ଟାମୁଣ୍ଡାଇ ସରକାରୀ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଥିବା ଜଣାପଡିଛି।


ଆହତ ଗଣେଶ୍ୱର ଦାସ।


କରୋନା କଟକଣା କୋହଳ ହେବାପରେ ପାରାଦୀପ ନୂଆବଜାରଠାରେ ମୂର୍ତ୍ତିକାରମାନେ ଗଣେଶ, ବିଶ୍ୱକର୍ମାଙ୍କ ମୂର୍ତ୍ତି ଗଢୁଛନ୍ତି।

# ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ସମ୍ପର୍କିତ କୃଷକ ତାଲିମ ଶିବିର


ଶିବିରରେ ଯୋଗ ଦେଇଥିବା ଚାଷୀମାନେ।

ପଟ୍ଟାମୁଣ୍ଡାଇ,୨୬।୮(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ କୃଷି ତାଲିମ ଓ ସୂଚନା କେନ୍ଦ୍ର ପରିସରରେ ଏକ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଆତ୍ମାର ଉପ ପ୍ରକଳ୍ପ ନିର୍ଦ୍ଦେଶକ ସେକ ଏସ୍ଥାନ, ପଟ୍ଟାମୁଣ୍ଡାଇ କୃଷି ସହକାରୀ ଅଧିକାରୀ ଭଦ୍ରନାରାୟଣ ଦାଶ, ବରିଷ୍ଠ ବୈଜ୍ଞାନିକ ତଥା ଜିଲା କେବିକେ ମୁଖ୍ୟ ସୂର୍ଯ୍ୟନାରାୟଣ ମିଶ୍ର, ଜିଲା ମୁଖ୍ୟ କୃଷି ଯୋଜନା ଅଧିକାରୀ ସତ୍ୟବ୍ରତ ସାହୁ, କୃଷି ଅଧିକାରୀ ପ୍ରଫୁଲ୍ଲ କୁମାର ମହାରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ପ୍ରୋଜେକ୍ଟର ମାଧ୍ୟମରେ କିପରି ମୃତ୍ତିକା ସଂରକ୍ଷଣ ଦ୍ୱାରା ଉନ୍ନତ ଫସଲ ଆମଦାନୀ ହୋଇପାରୁଛି ତାହା ପ୍ରଦର୍ଶନ କରିଥିଲେ। ଫସଲରେ ସୁଷମ ସାର ପ୍ରୟୋଗ ସମ୍ବନ୍ଧିତ ଖାଦ୍ୟ ସାର ପରିଚାଳନା, ମାଟି ସଂଗ୍ରହ, ମାଟି ପରୀକ୍ଷା, ଖାର ଓ ଅମ୍ଳ ମାଟିର ସୁପରିଚାଳନା ସହ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ସମ୍ପର୍କରେ ବୁଝାଇ ଥିଲେ। ଶିବିରରେ ଗଙ୍ଗାଧର ପଣ୍ଡା, ସୌରୀ ମହାନ୍ତି, କିରଣ ପଣ୍ଡା, ରାଜୀବ ବାରିକ, କୈଳାସ ରାଉତ, ତପନ ପ୍ରଧାନ ପ୍ରମୁଖ ଶତାଧିକ ଚାଷୀ ଯୋଗଦେଇଥିଲେ। ମାଟି ପରୀକ୍ଷା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ପ୍ରଦାନ କରୁଥିବା ବେଳେ ଏହି ଯୋଜନା ଚାଷୀଙ୍କ ପାଇଁ ଉତ୍ସାହ ପଦକ ହେବ ବୋଲି ଚାଷୀ ମାନେ ମତ ପ୍ରକାଶ କରିଛନ୍ତି।

# ଶୁଣାଣି ପାଇଁ ଜିଲାପାଳଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

### ପଲାଇ ଗ୍ରୀଡ୍ ଷ୍ଟେଶନକୁ ଗ୍ରାମବାସୀଙ୍କ ବିରୋଧ ଘଟଣା

ଚଣ୍ଡିଖୋଲ,୨୬।୮(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅଧୀନ ପଲାଇଠାରେ ନିର୍ମାଣ ହେବାକୁ ଥିବା ୨୨୦/୩୩ ଗ୍ରୀଡ୍ ଷ୍ଟେସନ କାର୍ଯ୍ୟକୁ ଗ୍ରାମବାସୀଙ୍କ ବିରୋଧ ଘଟଣା ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତିଙ୍କୁ ନେଇ ଦୁଇଜଣିଆ ଖଣ୍ଡପୀଠ ୨୩ ତାରିଖରେ ଏହି ମାମଲାର ଶୁଣାଣି କରି ଯାଜପୁର ଜିଲାପାଳଙ୍କୁ ଗ୍ରାମବାସୀଙ୍କ ଅଭିଯୋଗ ଶୁଣାଣି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ କୁହାଯାଇଛି ଯେ, ଆବେଦନକାରୀ ଓ ପ୍ରତିପକ୍ଷଙ୍କୁ ନୋଟିସ ପ୍ରଦାନ କରି ଅକ୍ଟୋବର ୨୫ ମଧ୍ୟରେ ଉଭୟ ପକ୍ଷଙ୍କୁ ନେଇ ଜିଲାପାଳ ଶୁଣାଣି କରିବା ସହ ନଭେମ୍ବର ୧ ସୁଦ୍ଧା ଆଦେଶ ପ୍ରଦାନ କରିବେ। ଯଦି ଜିଲାପାଳଙ୍କ ଶୁଣାଣିରେ ଆବେଦନକାରୀ ଅସନ୍ତୋଷ ବ୍ୟକ୍ତ କରନ୍ତି, ସେ ଆଇନ ଅନୁଯାୟୀ ଆଗାମୀ ପଦକ୍ଷେପ ନେଇପାରିବେ ବୋଲି ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଥାଉକି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୯ ମାର୍ଚ୍ଚ ୨ରେ ଚଣ୍ଡିଖୋଲଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ପଲାଇ ଗ୍ରୀଡଷ୍ଟେସନର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ଗ୍ରୀଡ୍‌ର ଭିତ୍ତିପ୍ରସ୍ତର ସ୍ଥାପନର ୨୯ ମାସ ପରେ ବିଭାଗ ପକ୍ଷରୁ ପ୍ରକଳ୍ପ ନିର୍ମାଣ ପାଇଁ ତତ୍ପରତା ପ୍ରକାଶ ପାଇଥିଲା। ଅଗଷ୍ଟ ୬ରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ପ୍ରକଳ୍ପ କାର୍ଯ୍ୟ ଆରମ୍ଭର ଶୁଭ ଦେଇଥିଲେ।

ତେବେ ଏହାର ଦିନକ ପରେ ଅର୍ଥାତ ୭ ତାରିଖରେ ଗ୍ରାମବାସୀ ନିର୍ମାଣ କାର୍ଯ୍ୟକୁ ବିରୋଧ କରିବା ସହ ଧାରଣାରେ ବସିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ପଲାଇ ମୌଜାର ବାରବାଟି ପଡ଼ିଆ ପ୍ରାୟ ୩୪ ଏକର ପରିମିତ ସ୍ଥାନରେ ଅବସ୍ଥିତ, ଯାହା ଗୋଚର କିସମ। ଏହିପଡ଼ିଆ ମଧ୍ୟସ୍ଥଳ ଦେଇ ହରିଦାସପୁର ପାରାଦୀପ ରେଳପଥ ଯିବା ଦ୍ୱାରା ପଡ଼ିଆ ଦୁଇ ଭାଗ ହୋଇଯାଇଛି। ରେଲୱେ ପଡିଆର ୭ ଏକର ଜମି ଅଧିଗ୍ରହଣ କରିଛି। ଏବେ ଗୋଟିଏ ପାର୍ଶ୍ୱରେ ପ୍ରକଳ୍ପ ନିର୍ମାଣ ପାଇଁ ତହସିଲ ପକ୍ଷରୁ ୧୫ ଏକର ସ୍ଥାନକୁ ଓପିଟିସିଏଲକୁ ୯୯ ବର୍ଷ ପାଇଁ ଲିଜ ସୂତ୍ରରେ ପ୍ରଦାନ କରାଯାଇଛି। ଫଳରେ ଏହି ପଡ଼ିଆରେ ପାଞ୍ଚ ପଡ଼ା ଗ୍ରାମର ଗ୍ରାମବାସୀ ବ୍ୟବହାର କରୁଥିବା ୫ ଗୋଟି ଶ୍ମଶାନ, ଖେଳପଡ଼ିଆ, ଚାରଣ ଭୂଇଁ ଆଦି ରହିବ ନାହିଁ। ଗ୍ରାମବାସୀ ଏହି ପ୍ରକଳ୍ପକୁ ଗୋଟିଏ ପାର୍ଶ୍ୱରେ କରିବାକୁ ଦାବି କରିଥିଲେ ମଧ୍ୟ ସେହି ଦାବିକୁ ପ୍ରଶାସନ ପକ୍ଷରୁ ଗ୍ରହଣ କରାଗଲା ନାହିଁ କି ପ୍ରକଳ୍ପ ନିର୍ମାଣ ପୂର୍ବରୁ ଗ୍ରାମବାସୀଙ୍କୁ ଜମି ଅଧିଗ୍ରହଣ ନେଇ ସୂଚନା ପ୍ରଦାନ କରାଗଲା ନାହିଁ। ଏନେଇ ବହୁବାର ଗ୍ରାମବାସୀ ଜନପ୍ରତିନିଧି ଓ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ନିରାଶ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇଥିଲେ। ଏହିସବୁ ଦାବିକୁ ନେଇ ବିକ୍ରମତିରଣ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଦିଲୀପ ସାମଲ ଏପ୍ରିଲ ୨୬ରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସମ୍ପର୍କରେ ସାମଲ କୁହନ୍ତି, ଆମ୍ଭେ ପ୍ରକଳ୍ପ ନିର୍ମାଣକୁ ବିରୋଧ କରୁନାହୁଁ। କିନ୍ତୁ ପ୍ରକଳ୍ପକୁ ପଡ଼ିଆ ମଧ୍ୟଭାଗରେ କରା ନ ଯାଇ ଗୋଟିଏ ପାର୍ଶ୍ୱରେ କରାଯିବା ସହ ପାଞ୍ଚ ପଡ଼ା ଗ୍ରାମର ଶ୍ମଶାନ ସୁରକ୍ଷିତ ରହିବା ଆବଶ୍ୟକ।

## ଲୁଟେରା ଗିରଫ, ୪୫ ହଜାର ଟଙ୍କା ଜବତ

ନୟାଗଡ଼ ଅଫିସ/ଓଡ଼ଗାଁ,(ସ୍ୱ.ପ୍ର.): ଓଡ଼ଗାଁ ଆଦର୍ଶ ଥାନାଠାରୁ ୫୦ ମିଟର ଦୂର ଓଡ଼ଗାଁ ବ୍ଲକ ଛକରୁ ବାଇକ୍ ଡିକି ଭାଙ୍ଗି ୨.୪୦ ଲକ୍ଷ ଲୁଟ୍ ଘଟଣାର ପର୍ଦ୍ଦାଫାସ ହୋଇଛି । ଏହି ଘଟଣାରେ ଓଡ଼ଗାଁ ଆଦର୍ଶ ଥାନା ପୋଲିସ ଆସ୍ଥା ଆଇଡି କଲୋନୀର ଏମ୍.ଅଙ୍କତାସୁ ନାମକ ଜଣେ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଙ୍କତାସୁଙ୍କ ଠାରୁ ୪୫ ହଜାର ଟଙ୍କା, ୨ ବାଇକ ଜବତ ହୋଇଛି । ତାଙ୍କ ସହଯୋଗୀ ଖସି ଯାଇଛନ୍ତି । ଲୁଟ୍ ଟଙ୍କାକୁ ଅଙ୍କତାସୁ ଓ ତାଙ୍କ ସହଯୋଗୀ ଭାଗ ବାଣ୍ଟି ନେଇଥିଲେ ।

## ସଂକ୍ଷେପରେ

### ଟ୍ରକ ପଛରେ ପିଟି ହେଲା କାର, ୫ ଆହତ



ଦଶପଲ୍ଲା,୨୬।୮(ଡି.ଏନ.ଏ.): ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ଦଶପଲ୍ଲା ବ୍ଲକ୍ ଟାକରା ଶାଳଭଙ୍ଗା ଜଙ୍ଗଲ ନିକଟରେ ଠିଆ ହୋଇଥିବା ଟ୍ରକ ପଛରେ ଏକ କାର (ନଂ ଓଡି ୨୩ କେ ୮୩୩୧) ପିଟି ହୋଇଯିବାରୁ ୫ଜଣ ଆହତ ହୋଇଛନ୍ତି । ଆହତମାନଙ୍କୁ ୧୦୮ ଆମ୍ବୁଲାନ୍ସରେ ଦଶପଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ୨ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ନୟାଗଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଉକ୍ତ କାରଟି ଝାରସୁଗୁଡ଼ାରୁ ବାଲୁଗାଁ ଯାଉଥିଲା। ଦଶପଲ୍ଲା ପୋଲିସ କାରକୁ ଜବତ କରି ତଦନ୍ତ ଜାରି ରଖିଛି।

### ବିକଳ୍ପ ଶିକ୍ଷାଦାନ ବ୍ୟବସ୍ଥା ଅନୁଧ୍ୟାନ

ନୟାଗଡ଼ ଅଫିସ,୨୬।୮: କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାୟତାରେ ପରିଚାଳିତ ବିକଳ୍ପ ଶିକ୍ଷାଦାନ କାର୍ଯ୍ୟକ୍ରମକୁ ବିଭାଗୀୟ ଅଧିକାରୀମାନେ ଗୁରୁବାର ବୁଲି ଦେଖିଛନ୍ତି। ଶରଣକୁଳ ନିକଟସ୍ଥ ଶିଖରପୁର ମହାନ୍ତି ସାହିରେ ଅନୁଷ୍ଠିତ ଏହି ପରିଦର୍ଶନ କାର୍ଯ୍ୟକ୍ରମରେ ରାଜସୁନାଖଳାସ୍ଥିତ ଡିଆଇଇଟିର ଏଜୁକେଟର ପ୍ରକାଶ କୁମାର ସାହୁ, ଆଙ୍ଗସିଙ୍ଗି ସିଆରସିସି ରବୀନ୍ଦ୍ର କୁମାର ଘଡେଇ ଉପସ୍ଥିତ ଥିଲେ। କରୋନା ସମୟରେ ବିଦ୍ୟାଳୟ ବନ୍ଦ ରହିଛି। ମୋବାଇଲ ଓ ଟିଭି ବ୍ୟବହାର କରୁ ନ ଥିବା ଛାତ୍ରୀଛାତ୍ରଙ୍କ ପାଇଁ ଅଫ୍‌ଲାଇନ ପାଠପଢ଼ା ସୁଯୋଗ ଆଣିଛି ବୋଲି ଅଭିଭାବକମାନେ କହିଛନ୍ତି। ଆସନ୍ତା ଅକ୍ଟୋବର ପର୍ଯ୍ୟନ୍ତ ଏହି ପାଠପଢ଼ା ଜାରି ରହିବ।

### ଇ-ଆଇନ ସାକ୍ଷରତା ଉତ୍ସବ

ନୟାଗଡ଼ ଅଫିସ,୨୬।୮: ନୟାଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲାସ୍ତରୀୟ ଇ-ଆଇନ ସାକ୍ଷରତା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷା ରୂପଶ୍ରୀ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଜିଲା କୋର୍ଟ ପରିସରରେ ଅନୁଷ୍ଠିତ ଉତ୍ସବରେ ଏକାଙ୍କିକା ଅଭିନୟ, ପ୍ରବନ୍ଧ, ଚିତ୍ରାଙ୍କନ, ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଷ୍ଟମ ଓ ନବମ ଶ୍ରେଣୀର ପାଠ ପଢୁଥିବା ୮ଟି ହାଇସ୍କୁଲର ଛାତ୍ରୀଛାତ୍ର ଶିକ୍ଷା ଅଧିକାର, ପରିବେଶ ସୁରକ୍ଷା, ଘରୋଇ ହିଂସା ଉପରେ ଆଧାରିତ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ସେପ୍ଟେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ଆଞ୍ଚଳିକ ପ୍ରତିଯୋଗିତାରେ ଭାଗ ନେବେ ବୋଲି ପ୍ରାଧିକରଣ ସଚିବ ରଞ୍ଜୁଲତା ଲେଙ୍କା ପ୍ରକାଶ କରିଛନ୍ତି।

### ପିଜି ପ୍ରବେଶିକା ପରୀକ୍ଷା ଦେଲେ ୧୫୮

ଗୋପାଳପୁର ୨୬।୮: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାଲିଥିବା ପିଜି ପ୍ରବେଶିକା ପରୀକ୍ଷା ୪ର୍ଥ ଦିନରେ ଗୁରୁବାର ୪ର୍ଥ ଦିନରେ ପିଜି କମନ ପ୍ରବେଶିକା ପରୀକ୍ଷାରେ ପ୍ରଥମ ସିଟିଂ ପରିବେଶ ବିଜ୍ଞାନରେ ୧୨, ସମାଜ ବିଜ୍ଞାନରେ ୩, ୨ୟ ସିଟିଂ ଜୀବ ବିଜ୍ଞାନରେ ୨୩, ଓଡ଼ିଆରେ ୧୧୨ ଜଣ ଏବଂ ୩ୟ ସିଟିଂ ଦର୍ଶନଶାସ୍ତ୍ରରେ ୮ ପରୀକ୍ଷା। ଦେଇଥିବା ପିଜି କାଉନସିଲ ଅଧକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ସୂଚନା ଦେଇଛନ୍ତି।

# କାର୍ଯ୍ୟାନୁଷ୍ଠାନ ନାହିଁ, ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ

ନୟାଗଡ଼ ଅଫିସ/ ଓଡ଼ଗାଁ,୨୬।୮(ସ୍ୱ.ପ୍ର.)

**ଜାଲ୍ ସାର୍ଟିଫିକେଟରେ ପଦୋନ୍ନତି ଘଟଣା**
- କୈବଲ୍ୟପୁର ସମିତି ସମ୍ପାଦକଙ୍କୁ କ୍ଲିନ୍‌ଚିଟ୍
- ପାଣ୍ଡେରୀପଡ଼ା ଓ ହନୁମନ୍ତିଆ ସମ୍ପାଦକଙ୍କ ପାଇଁ ବଢ଼ିପାରେ ଅଡୁଆ
- ୨ ସମ୍ପାଦକଙ୍କ ବିରୋଧରେ ପ୍ରସ୍ତୁତ ହୋଇଛି ଅନ୍ତରୀଣ ରିପୋର୍ଟ

ନୟାଗଡ଼ ଜିଲାର ପାଣ୍ଡେରୀପଡା, କୈବଲ୍ୟପୁର ଓ ହନୁମନ୍ତିଆ ପ୍ରାଥମିକ କୃଷି ସେବା ସମବାୟ ସମିତିର ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ଯୋଗ୍ୟତା ନ ଥାଇ ଜାଲ୍ ସାର୍ଟିଫିକେଟ ମାଧ୍ୟମରେ ସହକାରୀ ସମ୍ପାଦକକୁ ପଦୋନ୍ନତି ପାଇଛନ୍ତି। ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ ହୋଇ ଆସୁଛି। ଏନେଇ ପ୍ରାୟ ୧ବର୍ଷ ତଳେ ଅଭିଯୋଗ ପରେ ଭୁବନେଶ୍ୱରସ୍ଥିତ ରାଜ୍ୟ ସମବାୟ ବିଭାଗ ରେଜିଷ୍ଟ୍ରାର ଏହାର ତଦନ୍ତ କରି ୭ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡେପୁଟି ରେଜିଷ୍ଟ୍ରାର କୋପରେଟିଭ ସୋସାଇଟ୍ ପୁରୀ ଓ ଏଆରସିଏସ୍ ନୟାଗଡ଼ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ସଂକ୍ରାନ୍ତରେକେବଳ ଧରିତ୍ରୀରେ ୨ଥର ଖବର ପ୍ରକାଶ ପାଇବା ପରେ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା। ସହକାରୀ ନିବନ୍ଧକ(ଏଆରସିଏସ୍)ଙ୍କ ନିର୍ଦ୍ଦେଶ ଅନୁସାରେ ଉପସହକାରୀ ନିବନ୍ଧକ ହାଡୁବନ୍ଧୁ ମହାକୁଡ ଅନିୟମିତତା ଅଭିଯୋଗ ଥିବା ସମିତିକୁ ଯାଇ ତଦନ୍ତ କରିଥିଲେ। ହେଲେ ତଦନ୍ତକୁ ଲୁଚାଇବା ପାଇଁ ଲକ୍‌ଡାଉନ୍ ସମୟରେ ମାଂସ ଭୋଜି କୁରାଳ ପ୍ରାଥମିକ କୃଷି ସମବାୟ ସମିତିରେ ହୋଇଥିଲା। ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରିବା ସମୟରେ ଭୋଜି ଭାତର ଆସର ସତ୍ୟ ବୋଲି ଜଣାପଡିଥିଲା। ତେବେ ମାଂସ ତରକାରୀକୁ ଘଟଣାସ୍ଥଳରୁ ଅନ୍ୟତ୍ର ଲୁଚାଇ ରଖିଦିଆଯାଇଥିଲା। ତଦନ୍ତକାରୀ ଅଧିକାରୀ ତଥା ଉପ ସହକାରୀ ନିବନ୍ଧକ ଭୋଜି ହେବା ସ୍ଥାନ କୁରାଳ ସମିତିରେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଏନେଇ ଉପସହକାରୀ ନିବନ୍ଧକ ହାଡୁବନ୍ଧୁ ମହାକୁଡ ସେ ସମୟରେ ସଫେଇ ଦେଇଥିଲେ ମୁଁ ମାଂସ ଖାଏ ନାହିଁ। ମୋର ନାମ ତଦନ୍ତ ପରିସରଭୁକ୍ତ ହୋଇଥିବାରୁ ଭୋଜି ଖାଇବାକୁ ମନା କରିଥିଲି। ଅନ୍ୟପକ୍ଷେ ଜାଲ ସାର୍ଟିଫିକେଟରେ ପଦୋନ୍ନତି ଘଟଣାର ତଦନ୍ତ ଏପାଖ ସେପାଖ ହେବାର ପ୍ରଶ୍ନ ଉଠୁନାହିଁ। ଇତିମଧ୍ୟରେ ବିତିଛି ୧ବର୍ଷ। କାର୍ଯ୍ୟାନୁଷ୍ଠାନ ନ ହେବାରୁ ପୁଣି ଅଭିଯୋଗକାରୀ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ୍ ହୋଇଛନ୍ତି।

ଏନେଇ ପୁଣି ଉପସହକାରୀ ନିବନ୍ଧକ ହାଡୁବନ୍ଧୁ ମହାକୁଡଙ୍କୁ ଯୋଗାଯୋଗ କରିବାରୁ ସେ କୁହନ୍ତି, କୈବଲ୍ୟପୁର ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ମାଟ୍ରିକ ପାସ କରିଥିବା ରିପୋର୍ଟ ମିଳିଛି। ଅନ୍ୟପକ୍ଷେ ହନୁମନ୍ତିଆ ଓ ପାଣ୍ଡେରୀପଡ଼ା ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ମାଟ୍ରିକ ପାସ କରିଛନ୍ତି କି ନାଁ ଜଣାପଡିନାହିଁ। ଏନେଇ ଆଲ୍ଲାବାଦ ହିନ୍ଦି ସଂସ୍ଥାନକୁ ପ୍ରମାଣପତ୍ର ସତ୍ୟତା ଉପରେ ରିପୋର୍ଟ ମଗାଯାଇଥିଲା। କିନ୍ତୁ ପ୍ରାୟ ୧ବର୍ଷ ପରେ କୌଣସି ରିପୋର୍ଟ ଆସି ନାହିଁ। ଏଣୁ ଦୁଇ ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଏକ ଅନ୍ତରୀଣ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏହାକୁ ଖୁବ ଶୀଘ୍ର ଏଆରସିଏସଙ୍କୁ ଦିଆଯିବ। ଏଆରସିଏସ ରିପୋର୍ଟ ପାଇବା ପରେ ଯାହାକିଛି ପଦକ୍ଷେପ ନେବେ। ଏନେଇ ଏଆରସିଏସ ଭାସ୍କର ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ମୁଁ ଛୁଟିରେ ଅଛି। ରିପୋର୍ଟ ପାଇବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅଭିଯୋଗ ଅନୁସାରେ ପାଣ୍ଡେରୀପଡ଼ା ପ୍ରାଥମିକ କୃଷି ସେବା ସମବାୟ ସମିତିର ଚତୁର୍ଥ ଶ୍ରେଣୀ କର୍ମଚାରୀ ସତ୍ୟ ନାରାୟଣ ଭୋଇ ମାଟ୍ରିକ ପାସ କରି ନାହାନ୍ତି। କିନ୍ତୁ ଜାଲ ମାଟ୍ରିକ ଓ ଯୁକ୍ତ ୨ ସାର୍ଟିଫିକେଟ ଦାଖଲ କରି ପଦୋନ୍ନତି ହୋଇଛନ୍ତି। ସେହିପରି ହନୁମନ୍ତିଆ ପ୍ରାଥମିକ କୃଷି ସେବା ସମବାୟ ସମିତିର ଚତୁର୍ଥ ଶ୍ରେଣୀ କର୍ମଚାରୀ ସନ୍ତୋଷ କୁମାର ନାୟକ ଅନୁରୂପ ଭାବେ ମାଟ୍ରିକ ପାସ ନ କରି ଜାଲ୍ ସାର୍ଟିଫିକେଟ ବଳରେ ପଦୋନ୍ନତି ପାଇଛନ୍ତି। ପଦୋନ୍ନତିରେ ଲକ୍ଷାଧିକ ଟଙ୍କା କାରବାର ହୋଇଥିବା ଅଭିଯୋଗ ହୋଇଛି।

## ଇଣ୍ଟର୍ନଶିପ୍ ମାଧ୍ୟମରେ ପାଠପଢ଼ା



ଅଫ୍ ଲାଇନରେ ପାଠ ପଢୁଥିବା ଛାତ୍ରୀଛାତ୍ର ।

ନୟାଗଡ଼ ଅଫିସ,୨୬।୮

ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏସ୍‌ସିଇଆରଟି ସହାୟତାରେ ଜୁଲାଇ ୧୫ରୁ ଇଣ୍ଟର୍ନଶିପ୍ ମାଧ୍ୟମରେ ପାଠପଢା ଆରମ୍ଭ ହୋଇଛି। ଏହା ଅକ୍ଟୋବର ୧୦ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମରେ କଟକ ଉର୍ଦ୍ଦୁ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ୧୯୨ ଜଣ ଅଧ୍ୟୟନରତ ଛାତ୍ରୀଛାତ୍ର ବିଭିନ୍ନ ଜିଲାରେ ନିୟୋଜିତ ହୋଇ ପ୍ରତ୍ୟକ୍ଷ ଭାବେ ପ୍ରାୟ ୧୬ ଶହ ପିଲାଙ୍କୁ ଶିକ୍ଷାଦାନ କରୁଛନ୍ତି। ନୟାଗଡ଼ ଜିଲାରେ ୧୦ ଛାତ୍ରୀଛାତ୍ର ନୟାଗଡ଼ ଉପକଣ୍ଠ ସିନ୍ଦୁରିଆଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାମାନଙ୍କୁ ପାଠ ପଢ଼ାଉଛନ୍ତି। ପିଲାମାନଙ୍କୁ ସେମାନେ ଗଣିତ, ଇଂଲିଶ, ସାହିତ୍ୟ ପଢାଇବା ଦାୟିତ୍ୱ ନେଇଛନ୍ତି। ଏହାସହ ସେମାନଙ୍କୁ ସାମାଜିକ ଓ ଆବେଗିକ ଶିକ୍ଷା ପ୍ରଦାନ କରୁଛନ୍ତି। ଏହି କାର୍ଯ୍ୟକ୍ରମକୁ ଉର୍ଦ୍ଦୁ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ଦିଲ୍ଲୀପ କୁମାର ସାହୁ ପରିଚାଳନା କରୁଛନ୍ତି। ପ୍ରତିଷ୍ଠାନର ଶିକ୍ଷୟିତ୍ରୀ ନିବେଦିତା ପଢିହାରୀ,ନସିମ ନିଗାର, ଡ. ସୁନିତା ଆଚାର୍ଯ୍ୟ ଓ ପ୍ରଜ୍ଞା ପରମିତା ପଣ୍ଡା ପ୍ରମୁଖ ଏଥିରେ ସହାୟତା କରୁଛନ୍ତି। ନୟାଗଡ଼ରେ ଏସ୍.ଏମ୍.ସୁଫିୟାନ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି।

## ଖଣ୍ଡପଡ଼ାର ପ୍ରଥମ ବିଧାୟକଙ୍କ ଜୟନ୍ତୀ ପାଳିତ



ରାଜା ହରିହର ସିଂହ ମର୍ଦ୍ଦରାଜ ଭ୍ରମରବର ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ଖଣ୍ଡପଡ଼ା,୨୬।୮(ସ୍ୱ.ପ୍ର.)

ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ପ୍ରଥମ ନିର୍ବାଚିତ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜା ହରିହର ସିଂହ ମର୍ଦ୍ଦରାଜ ଭ୍ରମରବର ରାୟଙ୍କ ୧୦୭ ତମ ଜୟନ୍ତୀ ଗୁରୁବାର ସ୍ଥାନୀୟ ରାଜବାଟୀ ପରିସରରେ ପାଳିତ ହୋଇଯାଇଛି। ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ରାଜବାଟୀ ପରିସରରେ ଥିବା ହରିହର ସିଂହଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସାଂସ୍କୃତିକ ଅନୁଷ୍ଠାନ 'ମୁଁ ବଘେଲ'ର ସଭାପତି ଧନେଶ୍ୱର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ, ଶିବନାରାୟଣ ସୁରଜଗଦେବ, ଗିରିଶ ମହାନ୍ତି, ନିଗମାନନ୍ଦ ଦାଶ, ବିଭୂତି ଭୂଷଣ ସେନାପତି, ରାଜେଶ ଦାଶ, ଜିତେନ୍ଦ୍ର ଦାସ ମହାପାତ୍ର, ବିକାଶ ମହାନ୍ତି, ପ୍ରଭାତ ବାରିକ, ରମେଶ ଷଡ଼ଙ୍ଗୀ ପ୍ରମୁଖ ରାଜା ହରିହର ସିଂହଙ୍କ ସ୍ତୁତିଚାରଣ କରିଥିଲେ।

## କିନ୍ନରମାନଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା

ନୟାଗଡ଼ ଅଫିସ,୨୬।୮

ଗଣିଆ ଉନ୍ନୟନ କମିଟି କାର୍ଯ୍ୟାଳୟ ଘଡୁଆଲ ତାଲିମ ଗୃହରେ ୨ଦିନ ଧରି ବ୍ୟକ୍ତିତ୍ୱ ବିକାଶ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ୨୫ ଜଣ କିନ୍ନର ତାଲିମ ନେଇଥିଲେ । ଗଣିଆ ଉନ୍ନୟନ କମିଟି ସଭାନେତ୍ରୀ ଉଷା ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । କିନ୍ନରମାନଙ୍କ ସାମଗ୍ରୀକ ବିକାଶ କିପରି ହୋଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ଗଣିଆ ଉନ୍ନୟନ କମିଟି ଦ୍ୱାରା ପରିଚାଳିତ ସ୍ୱୀକୃତି ପ୍ରକଳ୍ପ ମାଧ୍ୟମରେ କିନ୍ନରମାନଙ୍କୁ ଚିହ୍ନଟ କରିବା, ଆଧାର କାର୍ଡ ସଂଶୋଧନ କରିବା, ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବା, କିନ୍ନରମାନଙ୍କୁ ନେଇ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ, ସରକାରଙ୍କୁ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରିବା, କିନ୍ନରମାନେ କିପରି ଆତ୍ମସମ୍ମାନର ସହିତ ବଞ୍ଚି ପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଗଣିଆ ଉନ୍ନୟନ କମିଟି ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରା ତାଲିମ କାର୍ଯ୍ୟ ପରିଚାଳନା କରିଥିଲେ । ପ୍ରକଳ୍ପ ସଂଯୋଜିକା ରାଜସ୍ମିତା କର ଧନ୍ୟବାଦ ଅର୍ପଣ କରିଥିଲେ ।

# ମିଳୁନାହିଁ ଜିପିଏଫ୍, ପେନ୍‌ସନ

ନୂଆଗାଁ,୨୬।୮(ଡି.ଏନ.ଏ.)

ବ୍ଲକ ପ୍ରଶାସନର ଅବହେଳାରୁ ଜଣେ ବ୍ଲକ କର୍ମଚାରୀଙ୍କ ମୃତ୍ୟୁର ୨୭ ମାସ ପରେ ବି ମିଳିନାହିଁ ଜିପିଏଫ୍ ଓ ପେନସନ। ଏଥିପାଇଁ ପରିବାର ଲୋକେ ବ୍ଲକ

**ବ୍ଲକ୍‌କୁ ଦୌଡି ନୟାନ୍ତ ହେଲେଣି ପରିବାର ଲୋକେ**

କାର୍ଯ୍ୟାଳୟକୁ ଦୌଡି ନୟାନ୍ତ ହୋଇଥିବା ବେଳେ ପୁର୍ନବାର ବିଡିଓଙ୍କୁ ଗୁହାରୀ କରିବା ପାଇଁ ଗୁରୁବାର ନୂଆଗାଁ ବ୍ଲକ କାର୍ଯ୍ୟାଳୟରେ ଆସି ପହଞ୍ଚି ଥିଲେ ମୃତ କର୍ମଚାରୀଙ୍କ ସ୍ତ୍ରୀ ଓ ଝିଅ ।

ସୂଚନା ମୁତାବକ ପୁରୀ ଜିଲା ମଙ୍ଗଳପୁର ଗ୍ରାମର ଅନାମ ଚରଣ ପରିଡ଼ା ଦୀର୍ଘ ବର୍ଷ ଧରି ନୂଆଗାଁ ବ୍ଲକ କାର୍ଯ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାମ କରୁଥିଲେ। ନିଜ ଭଉଣୀଙ୍କ ଏକ କିଡ୍‌ନୀ ଖରାପ ହୋଇଯିବାରୁ ତାଙ୍କୁ ନିଜର ଏକ କିଡ୍‌ନୀ ଦେବାକୁ ପଡିଥିଲା। ଏହାର କିଛିଦିନ ପରେ ସେ ଅସୁସ୍ଥ ହୋଇପଡିଥିଲେ। ୨୦୧୯ ମେ ୮ରେ ତାଙ୍କର ପରଲୋକ ହୋଇଥିଲା। ସରକାରଙ୍କ ନିୟମ ଅନୁସାରେ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ପରିବାରକୁ ଜିଆଇଏସ୍, ଜିପିଏଫ୍ ଓ ପେନସନ ଟଙ୍କା ମିଳିବା କଥା। କିନ୍ତୁ ଇତିମଧ୍ୟରେ ୨୭ ମାସ ବିତି ଥିଲେ ମଧ୍ୟ ଅଦ୍ୟାବଧି କୌଣସି ଟଙ୍କା ମିଳି ନାହିଁ। ଏପରି କି ପରିବାର ଲୋକେ ନୂଆଗାଁ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଆସି ଫେରୁଛନ୍ତି। କୌଣସି କର୍ମଚାରୀ ତାଙ୍କୁ ସହଯୋଗ କରୁ ନ ଥିବା ଅନାମଙ୍କ ସ୍ତ୍ରୀ ବିଜନ ପରିଡ଼ା ଓ ଝିଅ ଶୁଭଲକ୍ଷ୍ମୀ ଅଭିଯୋଗ କରିଛନ୍ତି। ପରବର୍ତ୍ତୀ ସୂଚନା ଅନୁଯାୟୀ, ଅନାମଙ୍କ ଫାଇଲ ବାହାର କରିବା ପାଇଁ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣା ପଡିଛି।



ବିଡିଓଙ୍କ ଅଫିସ ବାହାରେ ଅନାମଙ୍କ ସ୍ତ୍ରୀ ଓ ଝିଅ ବସିଛନ୍ତି ।

## ଭାରିଯାନ ଚଳାଚଳ ଉପରେ କଟକଣା

ଖଣ୍ଡପଡ଼ା,୨୬।୮(ସ୍ୱ.ପ୍ର.)

ମହାନଦୀ ବାଲି ଘାଟରୁ ବାଲି ବୋଝେଇ ହାଇୱାଗୁଡ଼ିକ ଖଣ୍ଡପଡ଼ା ଓ ଭାପୁର ଦେଇ ଦିନ ରାତି ଚଳପ୍ରଚଳ କରିବା ଯୋଗୁ ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେବା ସହ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ପୂର୍ବରୁ ମାଧପୁର, ଖଳିସାହି, ମର୍ଦ୍ଦରାଜପୁର, ବରକୋଳି ଆଦି ସ୍ଥାନରେ ଦୁର୍ଘଟଣା ଘଟି କେତେକ ଲୋକଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିବା ନଜିର ରହିଛି। ଏ ସଂକ୍ରାନ୍ତରେ ଗତ ୨୫ ତାରିଖ ଧରିତ୍ରୀରେ 'ହାଇୱା ଚଳାଚଳ ଉପରେ କଟକଣା ଦାବି' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ନୟାଗଡ଼ ଜିଲା ହାଇୱା ଗାଡ଼ି ମାଲିକ ସଂଘର କର୍ମକର୍ତ୍ତାମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ନେଇ ସ୍ଥାନୀୟ ଖଳିସାହି ତୋଟା ହନୁମାନଙ୍କ ପୀଠରେ ହାଇୱା ମାଲିକ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଭାରିଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି। ସର୍ବସମ୍ମତି ପ୍ରସ୍ତାବ କ୍ରମେ ମହାନଦୀ ଘାଟରୁ ବାଲି ପରିବହନ କରୁଥିବା ହାଇୱା ଦୈନିକ ରାତି ୯ଟାରୁ ତା' ପରଦିନ ସକାଳ ୬ଟା ମଧ୍ୟରେ ଚଳାଚଳ କରିବ। ଦିନବେଳା ବାଲି ଚାଲାଣ ସମ୍ପୂର୍ଣ୍ଣ ବନ୍ଦ ରହିବ। ସମସ୍ତ ହାଇୱା ମାଲିକ ବୈଠକର ନିଷ୍ପତ୍ତିକୁ ମାନି ଚଳିବେ ବୋଲି ସମ୍ମତି ପ୍ରଦାନ କରିଛନ୍ତି। ଜିଲା ପ୍ରଶାସନ, ତହସିଲ ଓ ପୋଲିସ ପ୍ରଶାସନକୁ ଏ ସମ୍ପର୍କରେ ଅବଗତ କରାଯାଇଥିବା ସଂଘର କର୍ମକର୍ତ୍ତା ସୂଚନା ଦେଇଛନ୍ତି।

## ଆଇନ୍ ସଚେତନତା ଶିବିର

ଦଶପଲ୍ଲା,୨୬।୮(ଡି.ଏନ.ଏ.)

ଗୁରୁବାର ଦଶପଲ୍ଲା ତାଲୁକ୍ ଆଇନ ସେବା କମିଟି ପକ୍ଷରୁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଡିହଗାଁଠାରେ ଏକ ଆଇନ୍ ସଚେତନତା ଓ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲା ପ୍ରଥମ ଶ୍ରେଣୀ ବିଚାରପତି ମିର୍ଜା ଅସଲମ୍ ବେଗ୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବିଡିଓ ବିଶ୍ୱରଞ୍ଜନ ବିଶ୍ୱାସ, ଆଇନଜୀବୀ ଦିଲ୍ଲୀପ କୁମାର ପଣ୍ଡା, ଆଲୋକ ସେନାପତି, ଥାନା ସେକେଣ୍ଡ ଅଫିସର ଚକ୍ରଧର ସିଂ ,ସରପଞ୍ଚ ସସ୍ମିତା ଦଳେଇ ପ୍ରମୁଖ ଉପସ୍ଥିତ ରହି ନିଜ ବକ୍ତବ୍ୟ ରଖିଥିଲେ । ବିଶେଷତଃ ସରକାରଙ୍କ ଲୋକାଭିମୁଖି କାର୍ଯ୍ୟକ୍ରମ ଏବଂ ସେଥିପାଇଁ ଆଇନ୍ ଗତ ସହାୟତା ସମ୍ପର୍କରେ ଆଲୋଚନା କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲାପାଳ, ଏସ୍‌ପିଙ୍କ ସହ ଆଲୋଚନା ପରେ ଅନଶନ ପ୍ରତ୍ୟାହୃତ

ନୟାଗଡ଼ ଅଫିସ,୨୬।୮

**ଭାପୁର ବ୍ଲକ ଉପାଧକ୍ଷଙ୍କ ଗିରଫ ଦାବି ପ୍ରସଙ୍ଗ**
- କଣ୍ଟ ପୂରିଲେ ବିଧାନସଭା ଘେରାଉ

ପୂର୍ବତନ ବ୍ଲକ୍ ଅଧ୍ୟକ୍ଷାଙ୍କ ଜାଲ ଦସ୍ତଖତ କରି ୮୦ କୋଟି ଟଙ୍କା ହଡ଼ପ ଘଟଣାରେ ଭାପୁର ବ୍ଲକ ଉପାଧକ୍ଷ ଗୟାଧର ପରିଡ଼ାଙ୍କ ଗିରଫ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଅନଶନ ୨ୟ ଦିବସରେ ପ୍ରତ୍ୟାହୃତ ହୋଇଛି। ଜିଲାପାଳ ଓ ଏସ୍‌ପି ଦେଇଥିବା ପ୍ରତିଶ୍ରୁତି ୭ଦିନ ମଧ୍ୟରେ ପୂରଣ ନ ହେଲେ ବିଧାନସଭା ଘେରାଉ କରାଯିବ ବୋଲି ଆଦିବାସୀ ସୁରକ୍ଷା ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଏନେଇ ଆଦିବାସୀ ସୁରକ୍ଷା ମଞ୍ଚର ରାଜ୍ୟ ସଭାପତି ବିଦ୍ୟାଧର ଦେହୁରୀ କୁହନ୍ତି, ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ସହ ଆଲୋଚନା ହୋଇଛି। ସେ ଗୁରୁବାର ଭାପୁର ବ୍ଲକର ୪ଟି ଫାଇଲ ଜବତ କରି ଯାଞ୍ଚ କରୁଛନ୍ତି। ଅଧକ୍ଷଙ୍କ ସପକ୍ଷରେ ସାକ୍ଷୀ ଦେଇଥିବା ୮ଜଣଙ୍କୁ ୧୬୧ ରେ ବୟାନ ରେକର୍ଡ ହେବ ବୋଲି ପ୍ରତିଶ୍ରୁତି ମିଳିଛି। ସେହିପରି ଗୟାଧର ପରିଡ଼ା ଓ ତାଙ୍କ ୨ ସହଯୋଗୀଙ୍କ ଅନୁରୂପ ଭାବେ ବୟାନ ରେକର୍ଡ ସହ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଦସ୍ତଖତ ସଂଗ୍ରହ କରାଯିବ। ଅନ୍ୟ ଦୁର୍ନୀତି ଫାଇଲକୁ ଜବତ କରାଯାଇ ତୁରନ୍ତ ସିଲ୍ କରି ତଦନ୍ତ କରାଯିବ। ଫର୍ଜରୀ ଦସ୍ତଖତ ଯାଞ୍ଚ ପାଇଁ ଦସ୍ତଖତକୁ ଲାବରୋଟାରୀକୁ ପଠାଯିବ। ଜିଲାପାଳ ପୋମା ଟୁଡୁଙ୍କ ସହ ଆଲୋଚନା ସଫଳ ହୋଇଛି। ଖୁବ୍‌ଶୀଘ୍ର ଗୟାଧର ପରିଡାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିଛି ବୋଲି ସେ କହିଛନ୍ତି। ଏଣୁ ଅନଶନ ପ୍ରତ୍ୟାହୃତ ହୋଇଛି ବୋଲି ସୂଚନା ମିଳିଛି।

# ଷ୍ଟାଣ୍ଡପୋଷ୍ଟରେ ପାଣି ଆସୁନାହିଁ

ଖଣ୍ଡପଡ଼ା,୨୬।୮(ସ୍ୱ.ପ୍ର.)

**ବେଆଇନ ସଂଯୋଗକୁ ନେଇ ଚିନ୍ତା**

ଲୋକେ ମନଇଚ୍ଛା ବେଆଇନ ସଂଯୋଗ ନେଉଛନ୍ତି। ମୁଖ୍ୟ ପାଇପ ଲାଇନକୁ କଣା କରି ନିଜ ଘରକୁ ବିଦ୍ୟୁତ୍ ଚାଳିତ ମୋଟର ଲଗାଇ ପାଣି ଟାଣି ନେଉଛନ୍ତି। ଏଥିଯୋଗୁ ଗୁଣ୍ଠୁଣି ପଞ୍ଚାୟତର ବିଭିନ୍ନ ସାହିରେ ଥିବା ଷ୍ଟାଣ୍ଡପୋଷ୍ଟରେ ପାଣି ଆସୁନାହିଁ। ଫଳରେ ସାଧାରଣ ଲୋକେ ପାଣି ବାଲ୍‌ଟିଏ ପାଇଁ ଉହଳ ବିକଳ ହେଉଥିବା ଅଭିଯୋଗ ହେଉଛି।

ଖଣ୍ଡପଡ଼ା ବ୍ଲକ ଅଧୀନ ଗୁଣ୍ଠୁଣି ପଞ୍ଚାୟତର ୩ନଂ. ଓ ୧୧ ନଂ. ୱାର୍ଡ ତୋଟାସାହି, ଭଗବତୀ ସାହି ଓ ବଡସାହି ବାସିନ୍ଦା ଦୀର୍ଘ ମାସ ହେଲା ଷ୍ଟାଣ୍ଡପୋଷ୍ଟ ମାଧ୍ୟମରେ ପାନୀୟ ଜଳ ମୁନ୍ଦେ ପାଇବାରୁ ବଞ୍ଚିତ ହୋଇଛନ୍ତି। ୱାର୍ଡର କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ବେଆଇନ ଭାବେ ମୁଖ୍ୟ ଜଳଯୋଗାଣ ପାଇପକୁ କଣା କରି ସଂଯୋଗ ନେଇଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଜଳ ଯୋଗାଣ ପ୍ରକଳ୍ପରେ ୧୫ ଅଶ୍ୱଶକ୍ତିସମ୍ପନ୍ନ ବିଦ୍ୟୁତ୍ ଚାଳିତ ମୋଟର ପମ୍ପ ଦ୍ୱାରା ଜଳ ଯୋଗାଇବାର ବ୍ୟବସ୍ଥା କରାଯାଇଛି। ହେଲେ ଏକାଧିକ ବ୍ୟକ୍ତି ପ୍ରାୟ ୨୦ ଏଚ୍‌ପିରୁ ଉର୍ଦ୍ଧ୍ୱ ଶକ୍ତିସମ୍ପନ୍ନ ମୋଟର ବ୍ୟବହାର କରି ପାଣି ଟାଣି ନେଉଛନ୍ତି। ଏହି କାରଣରୁ ସାଧାରଣ ଲୋକେ ଷ୍ଟାଣ୍ଡପୋଷ୍ଟରୁ ପାଣି ପାଇବା ସମ୍ଭବ ହେଉନାହିଁ ବୋଲି ସରପଞ୍ଚ ରବୀନ୍ଦ୍ର ନାଥ ମହାନ୍ତି ପ୍ରକାଶ କରିଛନ୍ତି। ଉପରୋକ୍ତ ୩ ସାହି ବାସିନ୍ଦାଙ୍କୁ ଜଳ ଯୋଗାଣ ନିମନ୍ତେ ଲକ୍ଷାଧିକ ଟଙ୍କା ବ୍ୟୟରେ ପାଇପ ଲାଇନ ବିଛାଯିବା ସହ ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇଥିଲା। ହେଲେ ପାଣି ଚୋରି ଯୋଗୁ ଷ୍ଟାଣ୍ଡପୋଷ୍ଟକୁ ପାଣି ଆସୁ ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିପ୍ରତି ବ୍ଲକ ପ୍ରଶାସନ ଓ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ଖଣ୍ଡପଡ଼ା ବ୍ଲକର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ସୁବ୍ରତ କୁମାର ସାହୁଙ୍କୁ ଏ ସମ୍ପର୍କରେ ପଚାରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି।

# ବିପଦ ସୃଷ୍ଟି କରୁଛି ଅର୍ଦ୍ଧ ନିର୍ମିତ ରାସ୍ତା

ନୂଆଗାଁ,୨୬।୮(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁଠାରୁ ଡିମିରିପଲ୍ଲୀ ପର୍ଯ୍ୟନ୍ତ ରାସ୍ତା ବିପଦସଙ୍କୁଳ ଅବସ୍ଥାରେ ରହିଛି। ବିଶେଷ କରି ଖାଲମଡାଠାରେ ଅର୍ଦ୍ଧ ନିର୍ମିତ କଂକ୍ରିଟ୍ ରାସ୍ତା ବିପଦ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥ ନୂଆଗାଁଠାରୁ ବାହାଡାଝୋଲା ଦେଇ ଓଡ଼ଗାଁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ଅବସ୍ଥା ଦୀର୍ଘ ଦିନ ହେଲା ଅତି ଦୟନୀୟ ହୋଇ ପଡିଥିଲା। ଜନସାଧାରଣଙ୍କ ଦାବି ଫଳରେ ନିର୍ମାଣ କାର୍ଯ୍ୟ ଚାଲିଛି। କିନ୍ତୁ ଠିକା ସଂସ୍ଥାର ଖାମଖିଆଲି ଯୋଗୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି।

୧୬ କିଲୋମିଟର ଏହି ରାସ୍ତାର କିଛି ଅଂଶ ପିଚୁ କରାଯିବା ସହ ପାଣି ଜମୁଥିବା ସ୍ଥାନକୁ କଂକ୍ରିଟ୍ କରିବାକୁ ନିର୍ଦ୍ଦେଶ ରହିଛି। ସେହି ଅନୁସାରେ ଖାଲମଡା ନିକଟରେ କଂକ୍ରିଟ କାମ ଚାଲିଛି। ଠିକାସଂସ୍ଥା ୮ ଦିନ ହେଲା ରାସ୍ତାର ଗୋଟିଏ ପାଖ କଂକ୍ରିଟ କରିଥିବା ବେଳେ ଅନ୍ୟ ପାଖ ସେମିତି ପଡିଛି। ନିର୍ମାଣ କାର୍ଯ୍ୟ ବାକି ରହିଥିବା ଯୋଗୁ ସେଥିରେ ବ୍ୟବହୃତ ଛଡ ଉପରକୁ ବାହାରି ରହିଛି। ଯାହା ବିପଦ ସୃଷ୍ଟି କରୁଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସେଠାରେ କୌଣସି ସତର୍କ ସୂଚନା ନାହିଁ। ବାଡ଼ ନ ଥିବାରୁ ଲୋକମାନେ ଯାତାୟତ କରିବାକୁ ଭୟ କରୁଛନ୍ତି। ବିଶେଷକରି ରାତି ଅନ୍ଧାରରେ ଲୋକମାନେ ଯାତାୟତ କରୁଥିବାରୁ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଗୋପବନ୍ଧୁ ଧୀରଙ୍କୁ ପଚାରିବାରୁ ସେ ଦୋଷ ସ୍ୱୀକାର କରିବା ସହ ତୁରନ୍ତ ସେହି ସ୍ଥାନରେ ସୂଚନା ଫିତା ବାନ୍ଧିବା ପାଇଁ ନିର୍ଦ୍ଦେଶ ଦେବେ ବୋଲି କହିଛନ୍ତି।



ଅର୍ଦ୍ଧ ନିର୍ମିତ ରାସ୍ତା ଉପରେ ରହିଥିବା ଲୁହା ରଡ଼ ।

